# ଅନୁସ୍ୱାର

The Anuswaar
Monthly e-Magazine
Vol - 1/Issue-IV & V
December-2025 &
January -2026

## ମାସିକ ଇ-ପତ୍ରିକା

ଡିସେମ୍ବର -୨୦୨୫ ଓ ଜାନୁୟାରୀ-୨୦୨୬



ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar

Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com

# ଅନୁସ୍ୱାର

## ମାସିକ ଇ-ପତ୍ରିକା

ପ୍ରଥମ ବର୍ଷ, ଚତୁର୍ଥ-ପଞ୍ଚମ ସଂଖ୍ୟା, ଡିସେମ୍ବର ୨୦୨୫-ଜାନୁୟାରୀ୨୦୨୬

ସମ୍ପାଦନା: ସରୋଜ କୁମାର ଶତପଥୀ

ପ୍ରକାଶକ: ନ୍ୟୁଟ୍ରା କ୍ରିଏସନ୍ସ
ପ୍ଲଟ୍ ନଂ-୫, ଜୟଦେବ ନଗର,
ଭୁବନେଶ୍ୱର-୭୫୧୦୦୨

ଯୋଗାଯୋଗ:
ମୋ: +୯୧ ୯୯୩୭୧୨୮୫୪୭

Vol. - I, Issue-IV/V,December2025-January-2026
Editing :Saroj Kumar Satpathy
Publisher: Newtra Creations,Plot no-5, Jayadev Nagar,Bhubaneswar - 751002
Mob :+91 9937128547/e-mail : editor.anuswaar@gmail.com/
website : www.anuswaar.com/ www.newtracreations.com


ଅନୁସ୍ୱାର
ମାସିକ ଇ-ପତ୍ରିକା
୨୦୨୬
ଇଂରାଜୀ ନବ ବର୍ଷର
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏ ବର୍ଷ ଆପଣମାନଙ୍କ
ସମସ୍ତଙ୍କ ଲେଖନୀ ଆହୁରି ଚଳଚଞ୍ଚଳ ହେଉ ।
ଜୀବନ ସୁଖ, ଶାନ୍ତି, ହର୍ଷ-ଉଲ୍ଲାସ ଓ ଆନନ୍ଦରେ ଭରିଉଠୁ ।
ସରୋଜ କୁମାର ଶତପଥୀ
ସମ୍ପାଦକ: 'ଅନୁସ୍ୱାର'
NEWTRA CREATIONS
www.anuswaar.com

# ଆମ ପୃଷ୍ଠପୋଷକ


ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡଙ୍ଗୀ


ଛନ୍ଦା ମିଶ୍ର


ବସନ୍ତ କୁମାର ଦାସ


ପ୍ରଫେସର ଅଭୟ ବେହେରା


ପ୍ରତିମା ମିଶ୍ର


ମନୋରମା ପଣ୍ଡା


ବିନୋଦିନୀ ଗଉଡ଼


ଅପରାଜିତା


ଗୀତା ପଟ୍ଟନାୟକ


ପ୍ରତିତୀ ମହାନ୍ତି


ମୌସୁମୀ ମିଶ୍ର


ଶରତ କୁମାରୀ ମିଶ୍ର


ଅନୁସୟା ବାରିକ


କମଳିନୀ ଦେବୀ


ରାଧାରାଣୀ ପଟ୍ଟନାୟକ


ପ୍ରଫେସର ବୀଣାପାଣି ତ୍ରିପାଠୀ


ଶୋଭାମୟୀ ପଣ୍ଡା


ମଧୁସ୍ମିତା ମହାପାତ୍ର


ଅନୀତା ମିଶ୍ର


ଶୁଭଶ୍ରୀ ସିଂ


ନିହାରୀକା ରାୟ ବରାଳ


ସରୋଜଲକ୍ଷ୍ମୀ ମହାନ୍ତି


ଶ୍ରୀମତୀ ହରପ୍ରିୟା ପଣ୍ଡା


ସୁବ୍ରତା ମିଶ୍ର


ଭୁବନେଶ୍ୱର ବିଶି


ଅଜୟ କୁମାର ସେଠୀ


ସଚ୍ଚିଦାନନ୍ଦ ବସ୍ତିଆ





ଶମ୍ଭୁନାଥ ରାଉଳ



ବୀରେଶ୍ୱର ମହାନ୍ତି



ଅସୀମା ରାୟ ଖୁଣ୍ଟିଆ



ରୀତା ମିଶ୍ର



ଆଶାଲତା ପାଣ୍ଡବ



ଦମୟନ୍ତୀ ଷଡ଼ଙ୍ଗୀ



ବୀଣାପାଣି ସାହୁ



# ନିବେଦନ

ପ୍ରିୟ ସୃଜନଶୀଳ ସ୍ରଷ୍ଟାଙ୍କୁ ବିନମ୍ର ପ୍ରଣାମ।

ଜାଣି ଖୁସି ହେବେ ଆମ ପ୍ରିୟ ମାସିକ ଡିଜିଟାଲ ସାହିତ୍ୟ ପତ୍ରିକା 'ଅନୁସ୍ୱାର'ର ଶୁଭ ଲୋକାର୍ପଣ ଗତ ୨୨.୦୫.୨୦୨୫ ତାରିଖରେ ବରେଣ୍ୟ ଅତିଥିମାନଙ୍କ କରକମଳରେ ପ୍ରିୟ ପାଠକ/ପାଠିକା ତଥା ଆପଣମାନଙ୍କ(ଲେଖକ/ଲେଖିକା) ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି ଏବଂ ଗତ ୧୯.୦୮.୨୦୨୫ ତାରିଖରେ ପତ୍ରିକାର ୱେବ୍ ସାଇଟ୍ www.anuswaar.com ମଧ୍ୟ ଲୋକାର୍ପିତ ହୋଇଛି। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା ଆମେ ଏଭଳି ଏକ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା, ଯେଉଁଥିରେ ଓଡ଼ିଆ ସାହିତ୍ୟକୁ ଭଲପାଉଥିବା ସମସ୍ତ ସୃଜନଶୀଳ ସ୍ରଷ୍ଟା ଓ ପାଠକଙ୍କର ସମନ୍ୱୟରେ ଓଡ଼ିଆ ସାହିତ୍ୟର ବିଶ୍ୱ ସ୍ତରରେ ପ୍ରଚାର ଓ ପ୍ରସାର ସହଜ ହୋଇପାରିବ। ଏହି ପରିପ୍ରେକ୍ଷୀରେ 'ଅନୁସ୍ୱାର', ଆପଣମାନଙ୍କ ବଳିଷ୍ଠ ଲେଖନୀ ଚାଳନା, ଦେଇଥିବା ଅନୁଦାନ ରାଶି ଓ ପ୍ରକାଶକ ସଂସ୍ଥା 'ନ୍ୟୁଟ୍ରା କ୍ରିଏସନ୍ସ'ର ସହଭାଗିତା ତଥା ନିରନ୍ତର ପ୍ରୟାସ ଯୋଗୁଁ ସଇଁତିରିଶି ହଜାର ଚାରିଶହରୁ ଊର୍ଦ୍ଧ୍ୱ ନିୟମିତ ପାଠକ ହାସଲ କରିପାରିଛି। ବର୍ତ୍ତମାନ ସୁଦ୍ଧା ଏକୋଇଶି ଲକ୍ଷରୁ ଊର୍ଦ୍ଧ୍ୱ ଆମ ପୋର୍ଟାଲର views ରହିଛି । ଦିନକୁ ଦିନ 'ଇ-ମ୍ୟାଗାଜିନ୍'ର ଚାହିଦା ବିଶ୍ୱସ୍ତରରେ ବଢ଼ିବାରେ ଲାଗିଛି। ନିଜର user friendly interface ଯୋଗୁ ଏହା ସମଗ୍ର ବିଶ୍ୱରେ ଥିବା ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରୁଛି। ଆମ ପତ୍ରିକା ପାଇଁ କରାଯାଇଥିବା ପୋର୍ଟାଲ ଡିଜାଇନ ଭାରତବର୍ଷରେ ପ୍ରଥମ ଓ କେବଳ ଆମ ପାଖରେ ହିଁ ଅଛି। ଆଜି ଯାଏ ଅନ୍ୟ କୌଣସି ସାହିତ୍ୟ ସଂସଦ କିମ୍ବା ପ୍ରକାଶନୀ ସଂସ୍ଥା ଏଭଳି ବ୍ୟୟ ବହୁଳ ପୋର୍ଟାଲ ତିଆରି କରିନାହାନ୍ତି। କହିବା ବାହୁଲ୍ୟ ଯେ, ଆଜିର ଏଇ ଡିଜିଟାଲ୍ ଯୁଗରେ 'ଇ-ମ୍ୟାଗାଜିନ୍' ପ୍ରତ୍ୟେକଟି ସାହିତ୍ୟପ୍ରେମୀଙ୍କ ପାଖରେ ପହଞ୍ଚିବା ସହିତ ନୂତନ ଯୁବ ପିଢ଼ିର ଲେଖକ/ଲେଖିକାମାନଙ୍କୁ ଓଡ଼ିଆ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ତଥା ବିଶ୍ୱ ଦରବାରରେ ସେମାନଙ୍କ ଲେଖାଗୁଡ଼ିକୁ ପହଞ୍ଚାଇବାର ଦାୟିତ୍ୱ ବହନ କରି ନିଜର ନିରନ୍ତର ପ୍ରୟାସ ଜାରି ରଖିଛି।

ଆସନ୍ତୁ, ଆମେ ସମସ୍ତେ 'ଇ-ମ୍ୟାଗାଜିନ୍'ର ଏହି ଯାତ୍ରାରେ ସାମିଲ୍ ହୋଇ 'ଅନୁସ୍ୱାର' ମାସିକ ଇ-ମ୍ୟାଗାଜିନ ବା ଡିଜିଟାଲ ମ୍ୟାଗାଜିନ ମାଧ୍ୟମରେ ଓଡ଼ିଆ ଭାଷା-ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଯଥା ସମ୍ଭବ ପ୍ରୟାସ କରିବା।

**ବିନୀତ,**
**ସମ୍ପାଦକ 'ଅନୁସ୍ୱାର'**



## ସମ୍ପାଦକୀୟ...



# ସମୟ, ସାହିତ୍ୟ ଓ ଆମ ଦାୟିତ୍ୱ

ସାହିତ୍ୟ ହେଉଛି ସମୟର ନିଃଶ୍ୱାସ। ମଣିଷ ଯେପରି ନିଜ ମନର କଥା ଶବ୍ଦରେ କହିଥାଏ, ଠିକ୍ ସେହିପରି ସମାଜ ମଧ୍ୟ ନିଜକୁ ପରିପ୍ରକାଶ କରିଥାଏ ସାହିତ୍ୟ ମାଧ୍ୟମରେ । ସମୟ ବଦଳେ, ପିଢି ବଦଳେ, ପରିବେଶ ବଦଳେ, କିନ୍ତୁ ସାହିତ୍ୟର ଆତ୍ମା କେବେ ବଦଳେ ନାହିଁ। ୨୦୨୬ରେ ଦଣ୍ଡାୟମାନ ହୋଇ ଆମେ ଯେତେବେଳେ ଚିନ୍ତା କରିଥାଉ ଯେ, ସାହିତ୍ୟ କେବଳ ସୁନ୍ଦର ସୁନ୍ଦର ଶବ୍ଦ ଯୋଡି ଲେଖିବା ନୁହେଁ, ବରଂ ଭାଷାକୁ ସମୃଦ୍ଧ କରିବା ପାଇଁ ଏହା ଆମ ସମସ୍ତଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ।

ଆଜିର ଡିଜିଟାଲ ଯୁଗରେ ଶବ୍ଦ ଅଧିକ, କିନ୍ତୁ ଅର୍ଥ କମ୍। ଲାଇକ୍ ଓ ସେୟାର୍‌ର ଭିଡ଼ରେ ସାହିତ୍ୟ ତା'ର ଭାବ ହରାଇ ବସିଛି ଅନେକାଂଶରେ । ଏମିତି ସମୟରେ ସାହିତ୍ୟର ପ୍ରଶ୍ନ - "ମୁଁ କାହା ପାଇଁ?" ଓ " ମୋତେ କାହା ପାଇଁ ଲେଖାଯାଉଛି ?" ଯଦି ଲେଖା ସମାଜର ଯନ୍ତ୍ରଣାକୁ ଛୁଇଁନପାରେ, ମନକୁ ଆଲୋଡ଼ିତ କରିନପାରେ, ଯୁବ ପିଢିକୁ ଅନୁପ୍ରାଣିତ କରି ନପାରେ, ତା' ହେଲେ ସେ ସାହିତ୍ୟ ମାତ୍ର କାଗଜର ସୌନ୍ଦର୍ଯ୍ୟ ହୋଇ ରହିଯାଏ।

ପ୍ରେମ, ପ୍ରତିବାଦ ଓ ପ୍ରେରଣା ଏହି ତିନୋଟି ହେଉଛି ସାହିତ୍ୟର ତିନୋଟି ପ୍ରାଣ। ପ୍ରେମ ବିନା ଶବ୍ଦ ନିର୍ଜୀବ, ପ୍ରତିବାଦ ବିନା ସାହିତ୍ୟ ନିରବ ଓ ପ୍ରେରଣା ବିନା ଲେଖା ମୂଲ୍ୟହୀନ। ତେବେ ୨୦୨୬ର ଲେଖକ/କବିମାନେ ଏହି ତିନିଟି ଶକ୍ତିକୁ ଏକାଠି କରି ସମୟର ସହ ତାଳଦେଇ ଚାଲିବାକୁ ପଡ଼ିବ।

ଓଡ଼ିଆ ସାହିତ୍ୟ ଆଜି ନୂଆ ପଥରେ। ଇ-ବୁକ୍, ଇ-ପତ୍ରିକା, ପଡ୍‌କାଷ୍ଟ ଓ ବିଭିନ୍ନ ଡିଜିଟାଲ ମଞ୍ଚରେ ଭାଷା ପ୍ରସାର ପାଉଛି। କିନ୍ତୁ ପ୍ରସାର ସହିତ ପ୍ରଶ୍ନ ମଧ୍ୟ ଅନେକ । ଆମେ କଣ ଆମ ଭାଷାର ବୈଭବ ଓ ବିଶାଳତାକୁ ବୁଝି ପାରୁଛୁ? ଭାଷା ଯେ କେବଳ ଆମମାନଙ୍କର କଥା କହିବାର ମାଧ୍ୟମ ନୁହେଁ, ଏହା ଆମର ପରିଚୟ। ଆଉ ସାହିତ୍ୟ ହେଉଛି ଏହାର ଆତ୍ମା।

୨୦୨୬ କେବଳ ଏକ ବର୍ଷ ନୁହେଁ, ଏକ ପ୍ରଶ୍ନ - "ଆଗାମୀ ପିଢିକୁ ଆମେ କଣ ଦେଉଛୁ?"। ଯଦି ଆମେ ଶବ୍ଦକୁ ସତ୍ୟ, ଭାବନାକୁ ସାହସ ଓ ଭାଷାକୁ ସମ୍ମାନ ଦେଇପାରିବା, ତା' ହେଲେ ଓଡ଼ିଆ ସାହିତ୍ୟ ପ୍ରତି ଆମର ଆଗାମୀ ପିଢି ନିଶ୍ଚୟ ଅନୁପ୍ରାଣିତ ହେବେ । ତେବେ ଆସନ୍ତୁ ଆମେ ସମସ୍ତେ ଏହି ୨୦୨୬ ବର୍ଷରେ ନିଜକୁ ଆତ୍ମ-ବିଜ୍ଞାପିତ କରିବାକୁ ନୁହେଁ, ବରଂ ଓଡିଆ ସାହିତ୍ୟକୁ ସମୃଦ୍ଧ କରିବାକୁ ଓ ନୂତନ ପିଢିକୁ ଅନୁପ୍ରାଣିତ କରିବାକୁ କିଛି ସୃଜନାତ୍ମକ କାଳଜୟୀ ସାହିତ୍ୟ ସୃଷ୍ଟି କରିବା ପାଇଁ ସଙ୍କଳ୍ପବଦ୍ଧ ହେବା ।

**ବନ୍ଦେ ଉତ୍କଳ ଜନନୀ**

**ସରୋଜ କୁମାର ଶତପଥୀ**
**ସମ୍ପାଦକ**

# ମୁଖଶାଳା


| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୦୧. | ସମ୍ପାଦକୀୟ: | | |
| | ସମୟ, ସାହିତ୍ୟ ଓ ଆମ ଦାୟିତ୍ୱ | ସରୋଜ କୁମାର ଶତପଥୀ | ୦୧ |
| | **ଗଦ୍ୟ ବିଭାଗ** | | |
| ୦୨. | ଚିତ୍ରଶିଳ୍ପୀ ରଥୀନ୍ଦ୍ରନାଥ ଟାଗୋର ଓ ବିନୋଦ ଚନ୍ଦ୍ର ମେହେର | ପ୍ରଫେସର ମଣୀନ୍ଦ୍ର କୁମାର ମେହେର | ୦୫ |
| ୦୩. | ଶତାବ୍ଦୀର ପ୍ରଥମ ସନ୍ତାନ | ବିରଞ୍ଚି ମିଶ୍ର | ୧୦ |
| ୦୪. | ଅଜାଗା ଘାଆ | ଛନ୍ଦା ମିଶ୍ର | ୧୨ |
| ୦୫. | କଥାରେ କଥାରେ-୧୬ | ମନୋରମା ମିଶ୍ର | ୧୫ |
| ୦୬. | ଫୁଲ ଓ ପଥର | ବିନୋଦିନୀ ଗଉଡ଼ | ୧୬ |
| ୦୭. | ଫେବର୍ | ସୁନନ୍ଦା ମହାନ୍ତି | ୧୮ |
| ୦୮. | ବିଶ୍ୱ ବୈଶିଷ୍ଟ୍ୟରେ ମାନବ ଧର୍ମ | ମାନଗୋବିନ୍ଦ ବାରିକ | ୨୧ |
| ୦୯. | ଲକ୍ଷ୍ମୀପୁରାଣର ବାର୍ତ୍ତା ସାମାଜିକ ସମରସତା | ହେମଲତା ଜେନା | ୨୨ |
| ୧୦. | ମହା ସମୁଦ୍ରର ବେଳାଭୂମି | ଡକ୍ଟର ଉଦ୍ଧବ ଚରଣ ନାୟକ | ୨୪ |
| | **ପଦ୍ୟ ବିଭାଗ** | | |
| ୧୧. | ନୂଆବର୍ଷ-୨୦୨୬ | ବିନୋଦିନୀ ଗଉଡ଼ | ୨୭ |
| ୧୨. | କବିର୍ ଘର୍କରା(କୋଶଲୀ କବିତା) | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୨୮ |
| ୧୩. | ଅସମାହିତ | ପ୍ରଫେସର ବୀଣାପାଣି ତ୍ରିପାଠୀ | ୨୯ |
| ୧୪. | ବିନିମୟ | ଗଜାନନ ମିଶ୍ର | ୩୦ |
| ୧୫. | ଆତ୍ମବିଭୋର | ସରୋଜ କୁମାର ଶତପଥୀ | ୩୧ |
| ୧୬. | ଆତ୍ମୀୟ | ଯୋଗେଶ ଚନ୍ଦ୍ର ମିଶ୍ର | ୩୨ |
| ୧୭. | ରଙ୍ଗ ପୀରତି - ୧୬ | ବିଦ୍ୟାଧର ଗୁରୁ | ୩୩ |
| ୧୮. | ଆଖି ମୋ ପିଆଲା | ବସନ୍ତ କୁମାର ଦାସ | ୩୪ |
| ୧୯. | ନୂଆବର୍ଷ | ସଚି ବେହେରା | ୩୫ |
| ୨୦. | କେହି ବୁଝେ ନାହିଁ | ଅପରାଜିତା | ୩୬ |
| ୨୧. | ମଧୁ ମଳୟ | ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୩୭ |
| ୨୨. | ଶିଶିର | ପ୍ରତିମା ମିଶ୍ର | ୩୮ |
| ୨୩. | ନୀଳାଚଳ ଦର୍ଶନ | କମଳିନୀ ଦେବୀ | ୩୯ |
| ୨୪. | ଶବ୍ଦର କଡ଼ି | ଅଞ୍ଜଳି ଆଚାର୍ଯ୍ୟ | ୪୦ |
| ୨୫. | ନବବର୍ଷ | ଶ୍ରୀମତୀ ରୀତା ମିଶ୍ର | ୪୧ |
| ୨୬. | ଆସ ଆସ ମହାମାୟୀ | ଶରତ କୁମାରୀ ମିଶ୍ର | ୪୨ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୭. | ନୂଆ ସକାଳ | ସରୋଜଲକ୍ଷ୍ମୀ ମହାନ୍ତି | ୪୩ |
| ୨୮. | କାହିଁକି ? | ମଧୁସ୍ମିତା ମହାପାତ୍ର | ୪୪ |
| ୨୯. | କବିତା | ସୁବ୍ରତା ମିଶ୍ର | ୪୫ |
| ୩୦. | କେତେ ଭିନ୍ନ କେତେ ଅଭିନ୍ନ | ସ୍ୱାତି ମହାନ୍ତି | ୪୬ |
| ୩୧. | କନିଷ୍ଠୀୟ | ଡକ୍ଟର ଜୟଶ୍ରୀ ନନ୍ଦ | ୪୭ |
| ୩୨. | ରେବି | ଡକ୍ଟର ପ୍ରବୀଣା ପରିଡ଼ା | ୪୮ |
| ୩୩. | ନୂଆ ବରଷ | ଶୋଭାମୟୀ ପଣ୍ଡା | ୪୯ |
| ୩୪. | ଆହା କି ସୁନ୍ଦର ପ୍ରଭୁ ତୁମ ସୃଷ୍ଟି | ଅଜୟ କୁମାର ସେଠୀ | ୫୦ |
| ୩୫. | ଆତ୍ମଦାହ ନା ? | ବୀରେଶ୍ୱର ମହାନ୍ତି | ୫୦ |
| ୩୬. | ତୃତୀୟ ନୟନ | ଶମ୍ଭୁନାଥ ରାଉଳ | ୫୨ |
| ୩୭. | ବିଗତ ଦିନର ସ୍ପର୍ଶ | ଧର୍ମକୁମାର ଶତପଥୀ | ୫୩ |
| ୩୮. | ଇଟା ଭାଟି | ଭୁବନେଶ୍ୱର ବିଶି | ୫୪ |
| ୩୯. | ହ୍ୟାଲୋ ! ନୀଳଶାଢ଼ୀ | ଯଜ୍ଞଦତ୍ତ ସାମନ୍ତରାୟ | ୫୫ |
| ୪୦. | ଗଣତନ୍ତ୍ର ଦିବସର ଅନୁଚିନ୍ତା | ଶ୍ରୀମତୀ ବାସନ୍ତୀ ବାରିକ | ୫୬ |
| ୪୧. | ସୁକର୍ମେ ସାର୍ଥକ ମାନବ ଜୀବନ | ପ୍ରଫେସର ପ୍ରତିମା ଷଡ଼ଙ୍ଗୀ | ୫୭ |
| ୪୨. | ତୁମେ ଓ ମୁଁ | ହରପ୍ରିୟା ପଣ୍ଡା | ୫୮ |
| ୪୩. | ନୂଆ ବରଷ | ରାଧାରାଣୀ ପଟ୍ଟନାୟକ | ୫୯ |
| ୪୪. | ସାରାଂଶ | ଅସୀମା ରାୟ ଖୁଣ୍ଟିଆ | ୬୦ |
| ୪୫. | ଅଣଦେଖା ସ୍ୱପ୍ନର ସ୍ୱରଲିପି | ନୀନା ବଳିୟାରସିଂ | ୬୧ |
| ୪୬. | ସନ୍ଧ୍ୟା ଆସିଲାଣି ନଇଁ | ଅନୀତା ମିଶ୍ର | ୬୨ |
| ୪୭. | ସ୍ୱାଗତ ହେ ନୂଆବର୍ଷ | ଶୁଭଶ୍ରୀ ସିଂ | ୬୩ |
| ୪୮. | ନୂଆବର୍ଷ | ପୁଷ୍ପାଞ୍ଜଳି ପଣ୍ଡା | ୬୪ |
| ୪୯. | ଭୂଲି ନାହିଁ ସେ କଥା | ମନୋରମା ପଣ୍ଡା | ୬୫ |
| ୫୦. | ଦୁଃଖ ସାଥେ ଯେବେ ବନ୍ଧୁ ବାନ୍ଧିଲି | ମାହେଶ୍ୱରୀ ଦାଶ | ୬୬ |
| ୫୧. | ତୃଷିତ ତକିଆ | ଯଶୋବନ୍ତୀ ସା | ୬୭ |
| ୫୨. | ସମୟକୁ ଅପେକ୍ଷା | ପ୍ରିୟଦର୍ଶିନୀ ନାୟକ | ୬୮ |
| ୫୩. | ପାହିନି ଅନ୍ଧାର ରଜନୀ | ପ୍ରତିମା ପାତ୍ର | ୬୯ |
| ୫୪. | ମୋ ଜଗାକୁ ଗୁହାରୀ | ନିହାରିକା ପାତ୍ର | ୭୦ |
| ୫୫. | ନୂଆ ବରଷ | ଶ୍ରୀମତୀ ବ୍ରଜେଶ୍ୱରୀ ସିଂହ | ୭୧ |
| ୫୬. | ସ୍ୱାଗତ ନବବର୍ଷ | ଦମୟନ୍ତୀ ଷଡ଼ଙ୍ଗୀ | ୭୨ |
| ୫୭. | ବାର୍ତ୍ତା ନୂଆ ବରଷର | ମମତାବାଳା ହୋତା | ୭୩ |





# ଗଦ୍ୟ ବିଭାଗ



# ଚିତ୍ରଶିଳ୍ପୀ ରଥୀନ୍ଦ୍ରନାଥ ଟାଗୋର ଓ ବିନୋଦ ଚନ୍ଦ୍ର ମେହେର



ପ୍ରଫେସର ମଣୀନ୍ଦ୍ର କୁମାର ମେହେର



## ରବୀନ୍ଦ୍ରନାଥଙ୍କ ବହୁମୁଖୀ ପ୍ରତିଭା:

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସୁପୁତ୍ର ହେଉଛନ୍ତି ରଥୀନ୍ଦ୍ରନାଥ।ତାଙ୍କ ସମ୍ପର୍କରେ ସବିଶେଷ ଆଲୋଚନା କରିବା ପୂର୍ବରୁ ଆମେ ରବୀନ୍ଦ୍ରନାଥଙ୍କ ପ୍ରତିଭା ବିଷୟରେ କିଂଚିତ ସୂଚନା ପ୍ରଦାନ କରିବା ଏକାନ୍ତ ପ୍ରାସଙ୍ଗିକ। ରବୀନ୍ଦ୍ରନାଥଙ୍କ ପ୍ରତିଭା କିପରି ବହୁମୁଖୀ ଥିଲା, ଏହା ଅବଶ୍ୟ ସଚେତନ ପାଠକ ମାତ୍ରକେ ଅନୁଭବ କରିଛନ୍ତି ଯଥାର୍ଥ ଭାବରେ। ସେ ସାହିତ୍ୟର କେଉଁ ବିଭାଗରେ ବା ଲେଖନୀ ଚାଳନା ବାକି ରଖିଥିଲେ? କବିତା, ଗଳ୍ପ, ପ୍ରବନ୍ଧ, ଆଲୋଚନା ସମାଲୋଚନା, ଉପନ୍ୟାସ, ଭ୍ରମଣକାହାଣୀ, ଜୀବନୀ, ଆତ୍ମଜୀବନୀ, ନାଟକ, ଗୀତିନାଟ୍ୟ, ଡାଏରୀ, ପତ୍ର ରଚନା, ରମ୍ୟରଚନା ଆଦି ସମସ୍ତ ବିଭାଗ ସହିତ ସ୍ୱକୀୟ ସୃଜନଦୀପ୍ତ ଆତ୍ମାକୁ ସେ ସର୍ବଦା ସଂଲଗ୍ନ କରି ରଖିଛନ୍ତି। ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସେ। ନାଟକରେ ତାଙ୍କ ଅଭିନୟ, କବିତା ଆବୃତ୍ତିରେ ତାଙ୍କ କଣ୍ଠସ୍ୱରର ମାଧୁର୍ଯ୍ୟରେ କିଏ ଅବା ଅଭିଭୂତ ହୋଇ ନାହାନ୍ତି!!

## ଚିତ୍ରକର ରବୀନ୍ଦ୍ର :

ଏହା ପରେ ମଧ ତାଙ୍କ କଳା -ତୃଷ୍ଣା ସମ୍ପୂର୍ଣ୍ଣ ତୃପ୍ତ ହୋଇପାରିଲା ନାହିଁ। ସେ ନିଜ କର୍ଣ୍ଣ ଗହ୍ୱର ମଧରେ ଶୁଣି ପାରିଲେ ରଙ୍ଗ ଓ ତୂଳୀର ଆନ୍ତରିକ ଆମନ୍ତ୍ରଣ। ଯେଉଁ ସବୁ ଚିତ୍ର ଅଙ୍କନ ସେ କରିଯାଇଛନ୍ତି ସେମାନେ ଦର୍ଶକ ଆଖିରେ ପ୍ରତିଭାତ ହେଲେ ସ୍ୱତନ୍ତ୍ର। ପୃଥିବୀର ବା ଭାରତ ବର୍ଷର ଶ୍ରେଷ୍ଠ ଚିତ୍ରଶିଳ୍ପୀମାନଙ୍କୁ ସେ ଯେ ଜାଣି ନଥିଲେ -ଏହା କିପରି ଅବା ସମ୍ଭବ? କେତେ ପ୍ରକାରର ଚିତ୍ର କଳା ସହ ତାଙ୍କ ଆତ୍ମୀୟତା ରହିଥିବ ପ୍ରଗାଢ଼। ମାତ୍ର ସେ ଯେଉଁ ଚିତ୍ରାଙ୍କନର ଅନୁପ୍ରେରଣା ଲାଭ କଲେ, ତାହା ଅନ୍ୟ କାହାଠାରୁ ନୁହେଁ। ନିଜ ହୃଦୟ ଅନ୍ତରାଳରୁ ସେ ଯେଉଁ ପ୍ରଚୋଦନା ଅନୁଭବ କରନ୍ତି, ତଦନୁଯାୟୀ ଅଙ୍କନ କରିଚାଲନ୍ତି ଧ୍ୟାନମଗ୍ନ ହୋଇ। ଯେଉଁ ଶିଳ୍ପୀ ନିଜ ଅନ୍ତର ଦ୍ୱାରା ସୁପରିଚାଳିତ, ସୁନିୟନ୍ତ୍ରିତ ସେ ଯାହା କହିବେ, ଯାହା ଲେଖିବେ, ଯାହା ଗାନ କରିବେ ବା ଯାହା ଚିତ୍ରଣ କରିବେ ସେଥିରେ ନିଶ୍ଚୟ ଫୁଟି ଉଠିବ ନବୀନ ବିଷୟ, ଅଭିନବ କଳା କୌଶଳ, ସମ୍ଭ୍ରାନ୍ତ ଅଭିରୁଚି। ରବୀନ୍ଦ୍ରଙ୍କ କ୍ଷେତ୍ରରେ ତାହା ହିଁ

ଘଟିଥିଲା। ତାଙ୍କ ଚିତ୍ରକଳା ପ୍ରତି ସମସ୍ତଙ୍କ କୌତୁହଳ ପୂର୍ଣ୍ଣ ଦୃଷ୍ଟି ଆକର୍ଷିତ ହେବାରେ ଲାଗିଲା। ସେ କେଉଁଠି ବୃକ୍ଷର ଚିତ୍ରଟିଏ ଆଙ୍କିଦେଲେ ତ ଦର୍ଶକ ସତେ ଯେମିତି ସୁଶୀତଳ ଛାୟା ତଳେ ନିଜର ପରିଶ୍ରାନ୍ତି ଅପନୋଦନ କଲା। ନାରୀର ମୁଖାକୃତି ମଧ୍ୟରେ ଝଟକି ଉଠିଲା ମାଟିଏ, ଭଉଣୀଟିଏ କି ପ୍ରେମିକଟିଏ। ବୁଦ୍ଧଙ୍କୁ ଦଣ୍ଡାୟମାନ ଯଦି କରିଦେଲେ ଶୁଦ୍ଧ ଆଶୀର୍ବାଦର ଧାରା ପ୍ରବାହିତ ହୋଇଗଲା। ଅନେକ ସମାଲୋଚକ ମତବ୍ୟକ୍ତ କରିଛନ୍ତି ଯେ, ସାହିତ୍ୟ ମାଧ୍ୟମରେ ନିଜକୁ ରବୀନ୍ଦ୍ର ଯେତିକି ପ୍ରସ୍ଫୁଟିତ କଲେ ମଧ୍ୟ ସତେ ଯେମିତି ଆଉ କଣ ଅପ୍ରକାଶିତ ରହିଗଲା। ସେଇ ଅବସୋସରୁ ସୃଷ୍ଟି ହେଲା ଚିତ୍ରକଳା। ଏ ପ୍ରକାରର ଦୃଷ୍ଟିକୋଣ ରବୀନ୍ଦ୍ର ଆତ୍ମାର ଯଥାର୍ଥ ପରିଚୟ ଦେବାରେ ସକ୍ଷମ ହୋଇନାହିଁ ବୋଲି ମନେହୁଏ। ତାଙ୍କ ସାହିତ୍ୟର ଧାରା ବହୁମୁଖୀ। ଅଥଚ ତାରି ଭିତରେ ସର୍ବତ୍ର ତାଙ୍କ ପ୍ରାଣର ଅନ୍ତଃସ୍ୱର ସମାନ ଭାବରେ ଧ୍ୱନିତ ଓ ପ୍ରତିଧ୍ୱନିତ। ଗୋଟିଏ ବିଭାଗରେ ଲେଖନୀ ଚାଳନା କରି ସେ ଅସନ୍ତୁଷ୍ଟ ରହିଗଲେ ବୋଲି ଆଉ ଏକ ବିଭାଗରେ ପ୍ରବେଶ କଲେ ତାହା ନୁହେଁ। ସେ ଥିଲେ ବୈଚିତ୍ର୍ୟ ପ୍ରିୟ। ନାନା ରୂପରେ, ନନାରଙ୍ଗରେ, ଭିନ୍ନ ଭିନ୍ନ ଧାରାରେ ନିଜକୁ ଅଭିବ୍ୟକ୍ତ କରିବା ଥିଲା ତାଙ୍କ ସକାଶେ ଆନନ୍ଦଦାୟକ। ଜୀବନର ପ୍ରତିଟି ମୁହୂର୍ତ୍ତ ହୋଇ ଉଠୁ ସ୍ୱତନ୍ତ୍ର ସୌନ୍ଦର୍ଯ୍ୟରେ ଆଭୂଷିତ -ଏହାହିଁ ଥିଲା ତାଙ୍କ ଅନ୍ତରାଭିଳାଷ। ନିଜର ସେହି ଅଭିଳାଷକୁ ଚରିତାର୍ଥ କରିବା ପାଇଁ ବିଶ୍ୱନିଧାନ ମଧ୍ୟ ତାଙ୍କ ମଧ୍ୟରେ ଭରପୂର କରି ରଖି ଦେଇଥିଲେ ସବୁ ଋତୁର ରଙ୍ଗ ଓ ସୌରଭ। ରବୀନ୍ଦ୍ରନାଥଙ୍କ ପରବର୍ତ୍ତୀ ପିଢ଼ି ମଧ୍ୟରେ ଏହି ପ୍ରତିଭାର ପରିସ୍ଫୁଟନ ସମ୍ଭବ ହୋଇଥିଲା କି? ଏହି ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ଅନେକଙ୍କ ମନକୁ ଉଦବେଳିତ କରିବା ସ୍ୱାଭାବିକ।

## ରବୀନ୍ଦ୍ର ପ୍ରତିଭାର ପୁନରାବର୍ତ୍ତନ ସମ୍ଭବ?

ଏ ପୃଥିବୀରେ କୌଣସି ପ୍ରତିଭାର ପୁନଃଆବିର୍ଭାବ ସମ୍ଭବ ହୋଇପାରିନି। ଯିଏ ଥରେ ଆଗମନ କରିଛନ୍ତି ଆଉ ଥରେ ତାଙ୍କର ପ୍ରତ୍ୟାବର୍ତ୍ତନର ଦୃଷ୍ଟାନ୍ତ କାହିଁ? ତେବେ ଅନେକ କ୍ଷେତ୍ରରେ ଲକ୍ଷ୍ୟ କରାଯାଏ ଯେ ମହାନ ପ୍ରତିଭାଙ୍କ କିଂଚିତ ବିଚ୍ଛୁରଣ ତାଙ୍କ ଉତ୍ତର ପିଢ଼ିର କାହାରି ନା ପାଖରେ ସାମାନ୍ୟ ହେଲେ ବି ପ୍ରକଟିତ ହୋଇଯାଏ। ଆଉ ଏକ ରହସ୍ୟ ଜନକ ବିଷୟ ମଧ୍ୟ ସଙ୍ଘଟିତ ହୁଏ। ତାହା ହେଲା ପୂର୍ବପୁରୁଷଙ୍କ ନିକଟରେ ଯେଉଁ ପ୍ରତିଭା ଥାଏ ସୁପ୍ତ ଉତ୍ତର ଦାୟାଦଙ୍କ ବ୍ୟକ୍ତିତ୍ୱରେ ତାହା ଜାଗ୍ରତ ହୋଇଉଠିପାରେ। ସେହିପରି କୌଣସି ପ୍ରତିଭାର ଯଦି ପୂର୍ଣ୍ଣ ପ୍ରସ୍ଫୁଟନ ଘଟି ପାରି ନଥାଏ ତାହା ମଧ୍ୟ ପରବର୍ତ୍ତୀ ପିଢ଼ିର କାହା ଠାରେ ମଧ୍ୟ ସୁବିକଶିତ ହେବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନ ପାରେ।

## କବିପୁତ୍ର ରଥୀନ୍ଦ୍ରନାଥଙ୍କ ବ୍ୟକ୍ତିତ୍ୱରେ ଚିତ୍ରଶିଳ୍ପୀ ରବୀନ୍ଦ୍ର:

ରବୀନ୍ଦ୍ରନାଥଙ୍କ ସୁଯୋଗ୍ୟ ପୁତ୍ର ହେଉଛନ୍ତି ରଥୀନ୍ଦ୍ରନାଥ। ତାଙ୍କର ଶୁଭ ଆବିର୍ଭାବ ଘଟେ ୧୮୮୮ ମସିହାରେ। ରବୀନ୍ଦ୍ର-ବ୍ୟକ୍ତିତ୍ୱର ପରିପ୍ରକାଶ ତାଙ୍କ ପାଖରେ ଲକ୍ଷ୍ୟ କରିଥିଲେ ସମସ୍ତେ। ମାତ୍ର ଯେଉଁଥି ସକାଶେ ରବୀନ୍ଦ୍ର ବିଶ୍ୱବିଦିତ ସେଇ କବିତ୍ୱ ଶକ୍ତିର ଅଧିକାରୀ ସେ ହୋଇ ପାରି ନଥିଲେ। ସେ ଥିଲେ ପୁଣି ବିଜ୍ଞାନର ଛାତ୍ର। ଉଦ୍ଭିଦ ବିଜ୍ଞାନରେ ଲାଭ କରିପାରିଥିଲେ ସର୍ବୋଚ୍ଚ ଡିଗ୍ରୀ। କବିତ୍ୱ ଶକ୍ତି ବିହୀନ ରଥୀନ୍ଦ୍ରଙ୍କ ମଧ୍ୟରେ ରବିନ୍ଦ୍ରୀୟ କବିତ୍ୱ ଆତ୍ମପ୍ରକାଶ କରିବାକୁ ସତେ ଯେପରି ଥିଲେ ବ୍ୟାକୁଳ। ତାହା ଥିଲା ଅସମ୍ଭବ। ତେଣୁ ସେଇ ପରିପେକ୍ଷୀରେ ରବୀନ୍ଦ୍ରଙ୍କ ସମ୍ପୂର୍ଣ୍ଣତା ଲାଭ କରିପାରିନଥିବା ଅସନ୍ତୁଷ୍ଟ ଚିତ୍ରଶିଳ୍ପୀ ରଥୀନ୍ଦ୍ରଙ୍କୁ ବ୍ୟବହାର କଲେ ସଫଳ ଆୟୁଧ ଭାବରେ।ରଥୀନ୍ଦ୍ର ତ ବିଜ୍ଞାନର ଛାତ୍ର। କଳା, ସାହିତ୍ୟ, ସଂଗୀତ ପ୍ରତି ଯେ ତାଙ୍କର ଅନୁରାଗ ନଥିଲା ତାହା ନୁହେଁ। ଉଦ୍ଭିଦ ବିଜ୍ଞାନ ବିଷୟରେ ଗବେଷଣା କରୁ କରୁ ପିତୃଦତ୍ତ ପ୍ରାଣ ନେଇ ସେ ବୃକ୍ଷଲତାଙ୍କ ସହ ସ୍ନେହ ବନ୍ଧନରେ ବାନ୍ଧି ହୋଇ ଯାଆନ୍ତି। ଅତି ନିବିଷ୍ଟ ଚିତ୍ତରେ ଦେଖନ୍ତି ଗଛ ଲତାର ପ୍ରତିଟି ପତ୍ର, ଫୁଲ ଓ ଫଳକୁ।ରଥୀନ୍ଦ୍ରନାଥଙ୍କ ହୃଦୟରେ ସୃଷ୍ଟି ହୁଏ ଯେଉଁ ନିବିଡ଼ ପୁଲକ ସେଥିରୁ ଉଦ୍ଭୁତ ହୁଏ ତାଙ୍କ ସୃଜନଶୀଳତାର ଭ୍ରୁଣ। କବିତା ସିନା ଲେଖି ପାରନ୍ତି ନାହିଁ। ଯେହେତୁ ପିତାଙ୍କ ଚିତ୍ରକଳା ସହିତ ତାଙ୍କ ଆତ୍ମିକ ବନ୍ଧନ ଥିଲା ଗଭୀର, ନିଜ ଅନ୍ତର୍ଲୋକରୁ ଲାଭକରନ୍ତି ଦିଗଦର୍ଶନ ଚିତ୍ରାଙ୍କନ କରିବା ପାଇଁ। ଗୋଟିକ ପରେ ଗୋଟିଏ ଚିତ୍ର ଅଙ୍କନରେ ସେ ଧ୍ୟାନ ନିବିଷ୍ଟ ହେଲାବେଳେ ଅନୁଭବ କରନ୍ତି, କାନଭାସ ଉପରେ ଯେଉଁ ବର୍ଣ୍ଣିଳ ପୁଷ୍ପ ପାଖଡ଼ା ପ୍ରସ୍ଫୁଟିତ ହେଉଛି, ତାହା ତାଙ୍କ ହାତର ଯାଦୁ ନୁହେଁ। କେହି ଜଣେ ତାଙ୍କ ହାତକୁ ପରିଚାଳିତ କରୁଛି ଅଦୃଶ୍ୟ ଜଗତରେ ରହି। ସେ ନିମିତ୍ତ ମାତ୍ର। ଏଇ ଅନୁଭବ ତାଙ୍କର ଯେତେ ଗଭୀରରୁ ଗଭୀରତର ହେଲା ପୁଷ୍ପ ପାଖୁଡ଼ାରେ ଆହୁରି ଅଧିକ ଗାଢ଼ ରଙ୍ଗ ଭରିଗଲା। ରଙ୍ଗର ସୌନ୍ଦର୍ଯ୍ୟ ସହିତ ସତେ ଯେମିତି ସେଠାରୁ ଭାସି ଆସିଲା ଏପରି ପବିତ୍ର ସୁଗନ୍ଧ, ଯାହା ଆଘ୍ରାଣ କରିପାରୁଥିଲେ ରଥୀ ନ୍ଦ୍ର ନିଜ ଅନ୍ତରାତ୍ମାରେ।

## ପ୍ରକୃତିର ଚିତ୍ରକର ରଥୀନ୍ଦ୍ରନାଥ:

ରଥୀନ୍ଦ୍ରନାଥଙ୍କ ଚିତ୍ରକଳା ହେଉଛି ବିଜ୍ଞାନ କଳାର ଏକ ସୌନ୍ଦର୍ଯ୍ୟମୟ ସମନ୍ୱୟ। ଜଣେ ଉଦ୍ଭିଦ ବିଜ୍ଞାନୀ ଭାବରେ ସେ ପ୍ରକୃତି ଜଗତକୁ ତନ୍ନ ତନ୍ନ କରି ପର୍ଯ୍ୟବେକ୍ଷଣ କରିଛନ୍ତି। ବୃକ୍ଷଲତାର ପ୍ରତିଟି ଅଂଶ ସହିତ ତାଙ୍କର ସ୍ଥାପିତ ହୋଇଯାଇଛି ପ୍ରଗାଢ଼ ଆତ୍ମୀୟତା। ସତେ କି ସେମାନଙ୍କ ସହ ଅନ୍ତର୍ଗତ ଆଳାପ ତାଙ୍କର ଅନୁଷ୍ଠିତ ହେଉଥିଲା ଅନ୍ୟମାନଙ୍କ

ଅଜାଣତରେ। ବିଭିନ୍ନ ରଙ୍ଗର ଫୁଲ, ବିଭିନ୍ନ ବୃକ୍ଷଲତାର ସବୁଜ ପତ୍ର, ପାଚି ଯାଉଥିବା ହଳଦିଆ ଆଉ ସମ୍ପୂର୍ଣ୍ଣ ଶୁଷ୍କ ରୂପରେ ଭୂସ୍ପର୍ଶୀ ପତ୍ରସବୁକୁ ବି ସେ ନିରେଖି ଚାହୁଁଥିଲେ ସୁଦୀର୍ଘ ସମୟ। ତାଙ୍କୁ ଭଲ ଲାଗୁଥିଲା ନିର୍ଜନତା, ଭଲ ଲାଗୁଥିଲା ଶୂନଶାନ ରାତି। ଶାନ୍ତିନିକେତନର ପରିବେଶ ତାଙ୍କର ଏକାନ୍ତ ପ୍ରିୟ କିପରି ବା ନ ହୁଅନ୍ତା!! ସେଇଠି ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ, ସାନ୍ଧ୍ୟକାଳୀନ ଦୃଶ୍ୟ, ରଜନୀରାଣୀର ଅଭିସାର ଦେଖିଛନ୍ତି ସେ ଅଗଣିତ ମୁହୂର୍ତ୍ତରେ। କେତେବେଳେ ପୁଲକିତ, କେତେବେଳେ ବିଷାଦିତ ଆଉ କେତେବେଳେ ସ୍ଥିତଧୀ ଚିତ୍ତରେ ଅବଲୋକନ କରିଛନ୍ତି ପ୍ରଶାନ୍ତିର ଭାବ-ବ୍ୟାପ୍ତ ଆପଣାର ପ୍ରିୟତମ ପରିସରକୁ। ଉଲ୍ଲେଖନୀୟ ବିଷୟ ହେଉଛି, ଯାହାକୁ ସେ ଭଲ ପାଇଛନ୍ତି, ତାକୁ ହିଁ ଚିତ୍ରାୟିତ କରିଛନ୍ତି ଅନୁରାଗ ଉଦ୍ରେକକ୍ଷମ ରଙ୍ଗ ଓ ରେଖାରେ। ଅନେକ ସମୟରେ ସେ ହିମାଳୟର ପାଦଦେଶରେ ପ୍ରକୃତି କୋଳରେ ବିତାଇବାକୁ ଚାହିଁଛନ୍ତି ତାଙ୍କର ବହୁମୂଲ୍ୟ ସମୟ। ତେଣୁ ସ୍ବତଃସ୍ଫୁର୍ତ୍ତ ଭାବରେ କେତେବେଳେ ଶାନ୍ତିନିକେତନର ପ୍ରାଣବନ୍ତ ପରିବେଶ ଆଉ କେତେବେଳେ ହିମାଳୟର ପାଦଦେଶ ତାଙ୍କ ଚିତ୍ରରେ ହୋଇ ଉଠିଛି ଉଦ୍ଭାସିତ। ନିର୍ଜନ ରାତିର ନୀରବତା ଚିତ୍ରରେ କିପରି ଜୀବନ୍ୟାସ ପାଇଛି ତାହା ଦେଖିଲେ ଇଚ୍ଛାହୁଏ ରାତିଟି ସେଇଠି ବିତାଇ ଦେବା ପାଇଁ।

ସେ ଚିତ୍ରକର ଭାବରେ ସୁଖ୍ୟାତି ଅର୍ଜନ କରିବା ପାଇଁ କିମ୍ବା କାହା ଦ୍ୱାରା ପ୍ରଶଂସିତ ହେବା ପାଇଁ ଏହି ଚିତ୍ରକଳା ସହିତ ସଂଯୁକ୍ତ ହୋଇ ନଥିଲେ। ନିଜ ପ୍ରାଣର ଅଭିଳାଷ ଅନୁସାରେ ସେ ଯାହା କିଛି ଅଙ୍କନ କରିଛନ୍ତି। ୧୯୩୨ ମସିହାରେ ପିତା ରବୀନ୍ଦ୍ରନାଥଙ୍କ ଚିତ୍ର ସହ ତାଙ୍କର ଚିତ୍ର ମଧ୍ୟ ସ୍ଥାନିତ ହୋଇଥିଲା ପ୍ରଦର୍ଶନୀରେ। ବିଶିଷ୍ଟ ଚିତ୍ର ସମାଲୋଚକମାନଙ୍କ ଦ୍ୱାରା ତାହା ମଧ୍ୟ ଉଚ୍ଚ ପ୍ରଶଂସା ଲାଭ କରିଛି। ରଥୀନ୍ଦ୍ରନାଥ ସର୍ବଦା ରହି ଆସିଛନ୍ତି ସମସ୍ତ ପ୍ରଶଂସାର ଊର୍ଦ୍ଧ୍ୱରେ। ଯାହା ତାଙ୍କ ଆତ୍ମାଭିବ୍ୟକ୍ତି ପାଇଁ ଥିଲା ଏକାନ୍ତ ପ୍ରୟୋଜନ, ତାହାହିଁ କରିଛନ୍ତି ସେ ନିଷ୍କାମ ସ୍ଥିରତା ଅକ୍ଷୁଣ୍ଣ ରଖି। ସେ ପିତାଙ୍କ ପରି ସୁଦକ୍ଷ ଚିତ୍ରଶିଳ୍ପୀର ଉଚ୍ଚାସନ ଲାଭ କରିନାହାନ୍ତି, ଏହା ସତ୍ୟ। ତେବେ ରବୀନ୍ଦ୍ରଙ୍କ ଚିତ୍ରକଳାରେ ସେ ଆଣିଦେଇଛନ୍ତି ପୂର୍ଣ୍ଣତା। ଉଭୟ ପିତାପୁତ୍ରଙ୍କ ସମ୍ମିଶ୍ରିତ ଚିତ୍ର ସମ୍ପଦ ହେଉଛି ଭାରତୀୟ କଳା ଜଗତକୁ ଏକ ମହତ୍ତର ଅବଦାନ।

## ପ୍ରକୃତି-କବି ଗଙ୍ଗାଧର ମେହେର:

ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ସ୍ୱତନ୍ତ୍ର ପରିଚୟ ଓଡିଶାବାସୀଙ୍କ ନିକଟରେ ଉପସ୍ଥାପନ କରିବା ତ ନିଷ୍ପ୍ରୟୋଜନ। ତେବେ ଏକ୍ଷେତ୍ରରେ କେବଳ ଗୋଟିଏ ବିଷୟ ଏକାନ୍ତ ଉଲ୍ଲେଖନୀୟ। ତାହାହେଲା ଗଙ୍ଗାଧର ମେହେରଙ୍କୁ ପ୍ରକୃତି କବିର ମର୍ଯ୍ୟାଦା ଅର୍ପଣ ଓ ତାଙ୍କୁ ରଙ୍ଗାଜୀବ ଗଙ୍ଗାଧର ନାମରେ ଶ୍ରଦ୍ଧାର ସହିତ ସମ୍ବୋଧନ। ଯେଉଁମାନେ ରଙ୍ଗକୁ ନେଇ ଜୀବିକା ନିର୍ବାହ କରନ୍ତି, ତାଙ୍କୁ କୁହାଯାଏ ରଙ୍ଗାଜୀବ। ଏ ଦୃଷ୍ଟିରୁ ବିଚାର କଲେ ଯେଉଁମାନେ ତନ୍ତଚାଳନା ଦ୍ୱାରା ବସ୍ତ୍ରବୟନ କରନ୍ତି ସେମାନେ ଯେପରି ରଙ୍ଗାଜୀବ, ଅନୁରୂପ ଭାବରେ ବିଭିନ୍ନ ରଙ୍ଗ ବ୍ୟବହାର କରି ଯେଉଁମାନେ ଚିତ୍ର ଅଙ୍କନ କରନ୍ତି ସେମାନେ ମଧ୍ୟ ରଙ୍ଗାଜୀବ। ଗଙ୍ଗାଧର ଭୁଲିଆ ପରିବାରର ସନ୍ତାନ। ସେ ବାଲ୍ୟକାଳ ଅତିକ୍ରମ ପରେ ପରେ ହିଁ ପିତା ଚୈତନ୍ୟ ମେହେରଙ୍କ ତତ୍ତ୍ୱାବଧାନରେ ବସ୍ତ୍ର ବୟନ ଆରମ୍ଭ କରିଦେଇଥିଲେ। ତାଙ୍କ ଦ୍ୱାରା ବୁଣାଯାଇଥିବା ବସ୍ତ୍ରର ସୌନ୍ଦର୍ଯ୍ୟ ଓ ମସୃଣତା ଗ୍ରାହକ ମାନଙ୍କ ଦ୍ୱାରା ଆଦୃତ ହେଉଥିବା ବିଷୟରେ କବିପୁତ୍ର ଭଗବାନ ମେହେର ସ୍ୱରଚିତ ପିତୃପ୍ରସଙ୍ଗରେ ବର୍ଣ୍ଣନା  କରିଛନ୍ତି। ଆଉ ଯେଉଁ ଦୃଷ୍ଟିରୁ ତାଙ୍କୁ ରଙ୍ଗାଜୀବ ବୋଲି ଅଭିହିତ କରାଯାଇଛି, ସେହି ବିଷୟ ହେଲା ସେ ନିଜ କାବ୍ୟକବିତାରେ ପ୍ରକୃତିକୁ ପ୍ରାଣବନ୍ତ କରି ପାରିଥିବାରୁ ସେ ହେଉଛନ୍ତି ବାସ୍ତବିକ ପ୍ରକୃତିର ଶ୍ରେଷ୍ଠ ଚିତ୍ରକର। ତେଣୁ ଯଥାର୍ଥରେ ରଙ୍ଗଜୀବ।କବିଙ୍କ ରଚିତ କାବ୍ୟ ତପସ୍ୱିନୀ, ପ୍ରଣୟ ବଲ୍ଲରୀ, କୀଚକବଧ, ଇନ୍ଦୁମତୀ, ଅଯୋଧ୍ୟାଦୃଶ୍ୟ ଆଦି କାବ୍ୟରେ ପ୍ରକୃତି କେବଳ ଚିତ୍ର ମାତ୍ର ନୁହେଁ। ସେ ହେଉଛି ଚରିତ୍ର। ମଣିଷ ଠାରୁ ଅଧିକ ଉଦାର ଓ ସମ୍ବେଦନଶୀଳ। ଯେଉଁ ସତୀ ସୀତାଙ୍କୁ ମଣିଷ ସମାଜ ଅସତୀ ଓ କଳଙ୍କିନୀ ବୋଲି ପ୍ରଚାର କରିଥିବାରୁ ସୀତା ନିର୍ବାସନର କାରଣ, ସେହି ସୀତାଙ୍କୁ ପ୍ରତି ସମ୍ବୋଧନ କରିଛି ସତୀରାଜ୍ୟର ରାଣୀ ଭାବରେ। ତାଙ୍କ ନିର୍ଦ୍ଦୟ ନିର୍ବାସନ ବିରୁଦ୍ଧରେ କରିଛି ଦୃଢ଼ ପ୍ରତିବାଦ ଆଉ ସୀତାଙ୍କ ଏହି ଚରମ ଦୁଃଖଦ ମୁହୂର୍ତ୍ତରେ ତାଙ୍କୁ ପ୍ରଦାନ କରିଛି ଗଭୀର ଆଶା, ଆଶ୍ୱାସନା ଓ ସମ୍ବେଦନା।

## କବିପୌତ୍ର ବିନୋଦ ଚନ୍ଦ୍ର ମେହେର:

ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ସୁପୁତ୍ର ହେଉଛନ୍ତି ଭଗବାନ ମେହେର। ଭଗବାନ ମେହେରଙ୍କ ତୃତୀୟ ପୁତ୍ର ସନ୍ତାନ ହେଉଛନ୍ତି ବିନୋଦ ଚନ୍ଦ୍ର ମେହେର। ଜନ୍ମହୁଏ ତାଙ୍କର ୧୯୨୭ମସିହା ଜାନୁଆରୀ ୨୨ତାରିଖ ଦିନ। କବି ଗଙ୍ଗାଧରଙ୍କ ମହାପ୍ରୟାଣ ଘଟିଥିଲା ୧୯୨୪ ମସିହାରେ। ତାର ତିନିବର୍ଷ ପରେ ବିନୋଦ ଚନ୍ଦ୍ରଙ୍କ ଜନ୍ମ। ନିଜ ପିତାମହଙ୍କୁ ସ୍ୱଚକ୍ଷୁରେ ଦେଖି ନ ପାରିବାର ଦୁଃଖ ତାଙ୍କ ବକ୍ଷସ୍ଥଳରେ ଟାଣି ଦେଇଥିଲା ଏକ ଗଭୀର ଅତୃପ୍ତିର ରେଖା। କବିଙ୍କ ଚାରି ପୌତ୍ରଙ୍କ ମଧ୍ୟରେ ସେ ହିଁ ଲାଭକରିପାରିଥିଲେ ଉଚ୍ଚ ଶିକ୍ଷା। କବି ପରିବାରର ଭବିଷ୍ୟତ ପାଇଁ ଏକମାତ୍ର ଦୃଢ଼ ଭରସା। ବରପାଲିରେ କିଛି ଦିନ ଶିକ୍ଷକତା କରିବା ପରେ ସେ ନିଯୁକ୍ତି ଲାଭ କରନ୍ତି ଭୁବନେଶ୍ୱର ସଚିବାଳୟ ଠାରେ। ସେ ମଧ୍ୟ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ମାତ୍ର

ନିଜକୁ ପରିଚିତ ବା ପ୍ରତିଷ୍ଠିତ କରିବାର ମନୋବୃତ୍ତି ଠାରୁ ଥିଲେ ବହୁ ଦୂରବର୍ତ୍ତୀ। ତଥାପି ସମଗ୍ର ଓଡ଼ିଶାରେ ଶିକ୍ଷିତ ଓ ସଚେତନ ସମାଜ ମଧ୍ୟରେ କବିଙ୍କ ଉପଯୁକ୍ତ ଅଧିକାରୀ ଭାବରେ ସେ ଲାଭ କରିଛନ୍ତି ଅସୀମ ଶ୍ରଦ୍ଧା ଓ ଭକ୍ତି।

**ଚିତ୍ରଶିଳ୍ପୀ ବିନୋଦ ଚନ୍ଦ୍ର:**

ବିଭିନ୍ନ ଦିଗରେ ତାଙ୍କ ପ୍ରତିଭାର ବିଚ୍ଛୁରଣ ଏକାନ୍ତ ଉଲ୍ଲେଖନୀୟ। ତେବେ ଆଲୋଚିତ ପ୍ରସଙ୍ଗରେ ତାଙ୍କ ଚିତ୍ରକଳା ଉପରେ ଆଲୋକପାତ କରିବା ହେଉଛି ପ୍ରକୃତ ଲକ୍ଷ୍ୟ। ଗଙ୍ଗାଧର ନିଜସ୍ୱ ରଚନାରେ ମାନବ ଜୀବନ ଓ ପ୍ରକୃତିକୁ ଜୀବନ୍ତ ଭାବରେ ଅଙ୍କନ କରିଥିବା ହେତୁ ଓଡ଼ିଶାର ଲୋକପ୍ରିୟ କବି। ତେବେ ସେ ଶବ୍ଦାଙ୍କନରେ ପ୍ରଦର୍ଶନ କରିଗଲେ ତାଙ୍କ ପ୍ରତିଭାର ଦ୍ୟୁତି। କବିବଂଶରେ ପ୍ରଥମ ଚିତ୍ରକର ଭାବରେ ତାଙ୍କର ହିଁ ଘଟିଥିଲା ଶୁଭ ଆବିର୍ଭାବ। ସତେ ଯେପରି କବି ଗଙ୍ଗାଧରଙ୍କ ପ୍ରତିଭାର ଏକ ସୂକ୍ଷ୍ମ ଆଲୋକରେଖା ବିନୋଦ ଚନ୍ଦ୍ର ରୂପରେ ଭୂମିଷ୍ଠ ହୋଇଥିଲେ। ଯେଉଁ କଳା ଅନ୍ୟ କାହା ମାଧ୍ୟମରେ ପ୍ରକଟିତ ହୋଇପାରିଲା ନାହିଁ ତାହା ବିନୋଦ ଚନ୍ଦ୍ରଙ୍କୁ ହିଁ ନିର୍ବାଚିତ କରିନେଲା ଉପଯୁକ୍ତ ପ୍ରତିନିଧି ଭାବରେ। ଗଙ୍ଗାଧରଙ୍କ ପ୍ରତିଭାର ଯେଉଁ ଅଂଶ ଥିଲା ଚିତ୍ରଶିଳ୍ପୀର ଆଲୋକରେ ଭାସ୍ୱର, ତାହା ନିଜକୁ ଅଭିବ୍ୟକ୍ତ କରି ନ ପାରିଥିବା ହେତୁ ଅନ୍ୱେଷଣ କରୁଥିଲା ତାଙ୍କ ଗୁଣସୂତ୍ରରେ ଗ୍ରଥିତ ଉପଯୁକ୍ତ ବଂଶଧର। ବିନୋଦ ଚନ୍ଦ୍ରଙ୍କ ଚିତ୍ରାନୁରାଗ ସତେ ଯେମିତି ସୃଷ୍ଟି କରିଦେଲା ଏକ କ୍ଷୁଦ୍ର ରନ୍ଧ୍ର ତାଙ୍କ ଚେତନାର ଗଭୀର ସ୍ତରରେ। ଗଙ୍ଗାଧରଙ୍କ ପ୍ରତିଭା ରଶ୍ମି ସେଇ ରନ୍ଧ୍ର ମଧ୍ୟ ଦେଇ ପ୍ରବେଶର ପଥ ଆବିଷ୍କାର କରିନେଲା ଅନାୟାସରେ। ଯାହା କବିଙ୍କ ଜୀବନ କାଳରେ ତାଙ୍କ ବ୍ୟକ୍ତିତ୍ୱ ମଧ୍ୟରେ ରହିଥିଲା ଅପ୍ରକଟ ତାହା ଉନ୍ମୀଳିତ ହୋଇଉଠିଲା ଏକ ସୁଯୋଗ୍ୟ ଆଧାର ଲାଭ କରି।

ବିନୋଦ ଚନ୍ଦ୍ର ମେହେରଙ୍କ ଚିତ୍ରକଳାର ସଂଖ୍ୟା ଅଧିକ ନୁହେଁ। କାରଣ ଏହା ତାଙ୍କର ପେଶା ନଥିଲା କି ନିଶା ବି ନଥିଲା। ଥିଲା ଏକ ହାର୍ଦ୍ଦିକତା ପୂର୍ଣ୍ଣ ସମ୍ପର୍କ। ମୁଖ୍ୟତଃ ତାଙ୍କର ଯେଉଁ ଚିତ୍ର ଗୁଡିକ ବିଶେଷ ଦୃଷ୍ଟି ଆକର୍ଷଣ କରେ ତା ମଧ୍ୟରେ ରହିଛି ୧। ଗଙ୍ଗାଧର ମେହେର ୨। ମହାତ୍ମା ଗାନ୍ଧୀ ୩। ଜବାହରଲାଲ ନେହେରୁ ୪। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ୫। ମାତୃସ୍ନେହ ୬। ସୂର୍ଯ୍ୟାସ୍ତ ମୁହୂର୍ତ୍ତର ଖଜୁରୀ ଗଛ ଆଦି।

ବିନୋଦ ଚନ୍ଦ୍ର ମେହେରଙ୍କ ପ୍ରାୟ ସମସ୍ତ ଚିତ୍ରାଙ୍କନ ହେଉଛି ପେନସିଲ ପେଣ୍ଟିଙ୍ଗ। ସାଧାରଣ ଏକ ପେନସିଲ ବ୍ୟତୀତ ସେ ଆଉ କୋଣସି ତୂଳୀ ରଙ୍ଗ ବ୍ୟବହାର କରିନାହାନ୍ତି। କିନ୍ତୁ ପ୍ରତ୍ୟେକ ଚିତ୍ରରେ ଭରି ଦେଇଛନ୍ତି ଚାରିତ୍ରିକ ବୈଶିଷ୍ଟ୍ୟ। ମହାତ୍ମା ଗାନ୍ଧୀ ଙ୍କ ଅକପଟ ହସ -ପ୍ରେମ ଅହିଂସାର ପ୍ରକାଶ। ନେହେରୁଙ୍କ ସ୍ୱଦେଶ ଚିନ୍ତନ, ସର୍ଦ୍ଦାର ପଟେଲଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଗଙ୍ଗାଧର ମେହେରଙ୍କ ଶାନ୍ତ ସୌମ୍ୟ ରୂପ ନିଖୁଣ ଭାବରେ ଫୁଟି ଉଠିଛି ଚିତ୍ର ଗୁଡିକରେ। ସେ କେବଳ ଚିତ୍ର ଅଙ୍କନ କରିବା ପାଇଁ ସମସ୍ତଙ୍କ ମୁଖାକୃତିର ନୀରବ ଅନୁଧ୍ୟାନ କରିଛନ୍ତି, ସେତିକି ନୁହେଁ। ବାସ୍ତବରେ ସେ ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ, ଗଙ୍ଗାଧର-ଏ ସମସ୍ତଙ୍କ ଜୀବନୀ ପାଠ କରିଛନ୍ତି ଏକାଗ୍ର ଚିତ୍ତରେ, ସେମାନଙ୍କ ଜୀବନାଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି। ସେଥିପାଇଁ ହିଁ ପ୍ରତିଟି ମହାପୁରୁଷଙ୍କ ମୁଖମଣ୍ଡଳରେ ସେମାନଙ୍କ ବ୍ୟକ୍ତିତ୍ୱ ଫୁଟି ଉଠିଛି ସାର୍ଥକ ଭାବରେ। କବି ହୋଇ ପାରିଥିଲେ ସେ ନିଶ୍ଚୟ ଏହି ସବୁ ବିଷୟରେ ରଚନା କରିଥାନ୍ତେ ଏକାଧିକ କବିତା। କବିବଂଶର ରେ ଜନ୍ମ ହୋଇ ସେ ଯେଉଁ କବିତ୍ୱ ଲାଭ କରିପାରିଛନ୍ତି, ତାହା ରୂପାନ୍ତରିତ ହୋଆଉ ଯାଇଛି ଚିତ୍ର ରୂପ ପରିଗ୍ରହ କରି। ତାଙ୍କର ଆଉ ଏକ ସୁନ୍ଦର ଚିତ୍ରର ନାମ 'ମାତୃସ୍ନେହ'। ମମତାମୟୀ ଜନନୀ ବକ୍ଷରେ ନିଶ୍ଚିନ୍ତ ଭାବରେ ଏକ ଶିଶୁ ନିଦ୍ରାଭିଭୂତ। ମାତୃ କ୍ରୋଡ ବା ମାତୃବକ୍ଷ ବ୍ୟତୀତ ଆଉ ଏପରି ସ୍ଥାନ କାହିଁ ଏ ଜଗତରେ? ପୁଣି ନିଜ ଶିଶୁ ସନ୍ତାନଟିକୁ ଛାତି ଉପରେ ଲାଭ କରିବାର ଏଇ ମୁହୂର୍ତ୍ତ ହିଁ ହେଉଛି ଯେକୌଣସି ମାଆ ପାଇଁ ଏକ ଏକ ବିରଳ ବେଳା। ମାତୃ ପ୍ରାଣ ଓ ଶିଶୁ ପ୍ରାଣର ଶ୍ୱାସ ପ୍ରଶ୍ୱାସ ଏଇ ସମୟରେ ସମ୍ମିଳିତ ହୋଇ ଯିବାର ଯେଉଁ ସୁଳଗ୍ନ ଆସେ ତାହାକୁ ଜୀବନରେ ଅନୁଭବ କରିବା ପାଇଁ ଦରଦୀ ଦର୍ଶକମାନଙ୍କୁ ଏହା ବିନୋଦ ଚନ୍ଦ୍ରଙ୍କର ଉପଯୁକ୍ତ ଉପହାର।

ପ୍ରକୃତିପ୍ରତି ବିନୋଦ ଚନ୍ଦ୍ରଙ୍କର ରହିଥିଲା ଅନନ୍ୟ ଆକର୍ଷଣ। ତାଙ୍କ ଅତ୍ୟନ୍ତ ଘନିଷ୍ଠ ବନ୍ଧୁ ବର୍ଗ ପ୍ରକାଶ କରିଛନ୍ତି ଯେ, ସାଗୁଆ ଦୂବଘାସ, ତା ଉପରେ ସାଧବବୋହୂମାନଙ୍କ ଲାଲ ବର୍ଣ୍ଣର ସମାବେଶ ଦେଖିଲେ ବିନୋଦ ଚନ୍ଦ୍ର କିପରି ଆବେଗପ୍ରବଣ ହୋଇ ଉଠନ୍ତି। ପ୍ରକୃତି କବିଙ୍କ ଉତ୍ତରଦାୟାଦ ଭାବରେ ଏହି ବିରଳ ଭାବସମ୍ଭାର ହିଁ ଥିଲା ତାଙ୍କ ଅନ୍ତର୍ଜଗତର ଐଶ୍ୱର୍ଯ୍ୟ। ସୂର୍ଯ୍ୟାସ୍ତ ସମୟରେ ଆକାଶର ହାଲୁକା ଲାଲ ବର୍ଣ୍ଣ ଓ ଖଜୁରୀ ଗଛ ଗୁଡିକର ସୌନ୍ଦର୍ଯ୍ୟ ଉକୁଟି ଉଠୁଥିବା ଚିତ୍ରଟି ଦେଖିଲେ ମନେହୁଏ ସତେକି ଗଛ ଗୁଡିକ ଧ୍ୟାନସ୍ଥ ଋଷିବୃନ୍ଦ। ପ୍ରକୃତି ଜଗତ ମଣିଷ ନିମିତ୍ତ କିପରି ପ୍ରାର୍ଥନା କରିପାରେ ସ୍ଥିରଚିତ୍ତରେ ଏହା ଯେମିତି ତାହାର ଏକ ପ୍ରତୀକ। ବିନୋଦ ଚନ୍ଦ୍ରଙ୍କ ସମସ୍ତ ଚିତ୍ରକୃତି ସଂଗୃହୀତ ଓ ସଂରକ୍ଷିତ ହୋଇ ନ ରହିବା ଭାଗ୍ୟର ବିଡମ୍ବନା। ତେବେ ଯେତିକି ଚିତ୍ର ବର୍ତ୍ତମାନ ଉପଲବ୍ଧ ସେଥିରୁ ପ୍ରତୀତ ହୁଏ ସେ ଥିଲେ କେଉଁ ଉଚ୍ଚ ସ୍ତରର ଶିଳ୍ପୀ।

### ତୁଳନାର ଆଲୋକରେ ରଥୀନ୍ଦ୍ରନାଥ ଓ ବିନୋଦ ଚନ୍ଦ୍ର:

ରଥୀନ୍ଦ୍ରନାଥ ବିଶ୍ୱବନ୍ଦିତ କବି ରବୀନ୍ଦ୍ରନାଥଙ୍କ ସୁପୁତ୍ର। ତେଣୁ ତାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ସମ୍ପର୍କରେ ଭାରତ ବର୍ଷ ତଥା ବିଦେଶରେ ବିଶିଷ୍ଟ ବ୍ୟକ୍ତିବୃନ୍ଦ ଜାଣିବାର ସୁଯୋଗ ପାଇଛନ୍ତି। ଅପର ପକ୍ଷରେ ସ୍ୱଭାବ-କବି ଗଙ୍ଗାଧର ମେହେର ଜାତୀୟ ସ୍ତରରେ ମଧ୍ୟ ଏପର୍ଯ୍ୟନ୍ତ ଉପଯୁକ୍ତ ସ୍ଥାନ ଲାଭ କରିବାରୁ ବଂଚିତ। ଏକ୍ଷେତ୍ରରେ କବିପୌତ୍ର ବିନୋଦ ଚନ୍ଦ୍ର ତାଙ୍କର ପରିବାର,ଅତି ଘନିଷ୍ଠ ମିତ୍ର ଓ ଛାତ୍ରଙ୍କ ବ୍ୟତୀତ ଅନ୍ୟମାନଙ୍କ ନିକଟରେ ଅପରିଚିତ। ଉଭୟଙ୍କ ମଧ୍ୟରେ ସମାନତା ଅନୁଭୂତ ହୁଏ ଲେଖକ ଓ ଚିତ୍ରକର ଭାବରେ ଉଲ୍ଲେଖନୀୟ ଭୂମିକା ସମ୍ପାଦନ କରିଥିବା କାରଣରୁ। ରଥୀନ୍ଦ୍ରନାଥ ଉତ୍ତରାଧିକାରୀ ଭାବରେ ରବୀନ୍ଦ୍ରଙ୍କ ଚିତ୍ରକଳାକୁ ଉଜ୍ଜୀବିତ କରି ରଖି ପାରିଛନ୍ତି। ଗଙ୍ଗାଧରଙ୍କ ଚେତନାରେ ଯେଉଁ କଳା ରହିଥିଲା ପ୍ରଚ୍ଛନ୍ନ ଭାବରେ ତାହା ବିନୋଦ ଚନ୍ଦ୍ରଙ୍କ ମାଧ୍ୟମରେ ହୋଇଛି ପ୍ରକାଶିତ। ତେଣୁ ଏହା ସମ୍ପୂର୍ଣ୍ଣ ଭାବରେ ଈଶ୍ୱର ଦତ୍ତ ନିଶ୍ଚିତ। ଚିତ୍ରାଙ୍କନ ସମ୍ପର୍କରେ ସେ କୌଣସି ଆନୁଷ୍ଠାନିକ ତାଲିମ ନେଇ ନ ଥିଲେ ମଧ୍ୟ ସେ ବିଷୟକ ସୂକ୍ଷ୍ମ ଜ୍ଞାନ ସେ ଲାଭ କରିପାରିଥିଲେ, ଯାହା ଆଶ୍ଚର୍ଯ୍ୟଜନକ।ରଥୀନ୍ଦ୍ରନାଥ ଥିଲେ ବିଜ୍ଞାନର ଛାତ୍ର। ବିନୋଦ ଚନ୍ଦ୍ର କଳାର। କିନ୍ତୁ ପ୍ରକୃତି ସହିତ ଉଭୟେ ଅନୁଭବ କରିଛନ୍ତି ସମାନ ଆବେଗ ଓ ଆତ୍ମୀୟତା।ଉଭୟେ ବିମୁଗ୍ଧ ଦୃଷ୍ଟିରେ ଦେଖିଛନ୍ତି ପ୍ରକୃତିର ବାହ୍ୟ ଓ ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ହୋଇପାରେ କେତେ ବୈଚିତ୍ର୍ୟମୟ। ପ୍ରକୃତି ପ୍ରତି ଏହି ସୁଗଭୀର ଅନୁରାଗ ଉଭୟଙ୍କର ବିକଶିତ ହୋଇ ଉଠିବାର ସର୍ବମୂଳ ଉତ୍ସ ହେଉଛନ୍ତି ଉଭୟଙ୍କ ମହାନ ପିତୃଦେବ। ବିନୋଦ ଚନ୍ଦ୍ର ପ୍ରାକୃତିକ ସୁଷମାକୁ ଚିତ୍ରିତ କରିବା ସହିତ ନିଜ ପିତାମହ ଗଙ୍ଗାଧର, ଜାତିର ପିତା ମହାତ୍ମାଗାନ୍ଧୀ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ପ୍ରମୁଖ ଦେଶପୂଜ୍ୟ ଚରିତ୍ର ମାନଙ୍କୁ ରୂପାୟିତ କରିଛନ୍ତି ନିଖୁଣ ଭାବରେ। ରଥୀନ୍ଦ୍ରନାଥ ନିଜ ଚିତ୍ରକଳା ପାଇଁ ବିଭିନ୍ନ ରଙ୍ଗର ପ୍ରୟୋଗ କରିଥିବା ବେଳେ ବିନୋଦ ଚନ୍ଦ୍ରଙ୍କ ଏକମାତ୍ର କଳାସ୍ତ୍ର ହେଉଛି ତାଙ୍କ ଅତି ପ୍ରିୟ ପେନସିଲ। ସେ ଯଦି ଆନ୍ତରିକ ଭାବରେ ଚାହିଁଥାନ୍ତେ ତାଙ୍କ ଶିଳ୍ପୀ ସତ୍ତାର ଉପଯୁକ୍ତ ଲାଳନ ପାଳନ କରିବା ପାଇଁ ତାହେଲେ ବିବିଧ ରଙ୍ଗର ବ୍ୟବହାର କରି କିମ୍ବା ନିଜର ସେଇ ପେନସିଲରେ ହିଁ ଆହୁରି ଅନେକ ଚିତ୍ର ଅଙ୍କନ କରିପାରିଥାନ୍ତେ ନିଶ୍ଚୟ। ନିଜକୁ ଅତ୍ୟନ୍ତ କ୍ଷୁଦ୍ର ଜ୍ଞାନ କରିବା ଫଳରେ ତାଙ୍କ ହସ୍ତ ପ୍ରସୁତ ଚିତ୍ରାବଳୀରୁ ବଂଚିତ ରହିଗଲା ଓଡ଼ିଶାର କଳା-ଜଗତ। ବିନୋଦ ଚନ୍ଦ୍ର ଥିଲେ ଯଦିଓ କଳାର ଛାତ୍ର ତାଙ୍କ ଦୃଷ୍ଟିଭଙ୍ଗୀ ଥିଲା ବୈଜ୍ଞାନିକ। ଜ୍ୟାମିତିକ ଜ୍ଞାନ ଥିଲା ପରିପକ୍ୱ। ସେ ନିଜେ ଚିତ୍ର ଅଙ୍କନ କରିବା ସହିତ ଚିତ୍ରକଳାର ଥିଲେ ମଧ୍ୟ ଜଣେ ଅନନ୍ୟ ସମୀକ୍ଷକ। ବିଶିଷ୍ଟ ଚିତ୍ରଶିଳ୍ପୀ ମାନଙ୍କ ଅଙ୍କନରେ କେଉଁଠି ରହିଯାଇଛି ତ୍ରୁଟି ତାହା ଅନାୟାସରେ ଜାଣିପାରୁଥିଲେ। ଆଉ ଯେଉଁଥିରେ ଲକ୍ଷ୍ୟ କରୁଥିଲେ ନିଷ୍ଠା ଓ ସମ୍ପୂର୍ଣ୍ଣତା ତାହାକୁ ଉଦାର ଚିତ୍ତରେ ସ୍ୱୀକୃତି ଦେବା ସଂଗେ ସଂଗେ ଭୂୟସୀ ପ୍ରଶଂସା ମଧ୍ୟ କରୁଥିଲେ।

ରଥୀନ୍ଦ୍ରନାଥ ଓ ବିନୋଦ ଚନ୍ଦ୍ର ଯେଉଁ ଉପାଦାନରେ ନିର୍ମିତ ହୋଇଥିଲେ ତାହା ଥିଲା ପୂର୍ବଜଙ୍କ ଅସାମାନ୍ୟ ଅବଦାନ। ରଥୀନ୍ଦ୍ରନାଥଙ୍କ ଚିତ୍ରକଳାର ସଂଖ୍ୟା ଅଧିକ ହୋଇପାରେ। ବିନୋଦ ଚନ୍ଦ୍ରଙ୍କ କଳାକୃତିର ସଂଖ୍ୟା ହୋଇପାରେ ସ୍ୱଳ୍ପ। ମାତ୍ର ଏହି କାରଣ ଯୋଗୁଁ କାହାକୁ ଉତ୍କୃଷ୍ଟ ବା କାହାକୁ ନିକୃଷ୍ଟ ପ୍ରତିପାଦନ କରାଯାଇପାରିବ ନାହିଁ। ଗଙ୍ଗାଧର ତାଙ୍କ ଜୀବନରେ ଗୋଟିଏ ବି ଚିତ୍ରାଙ୍କନ କରିନାହାନ୍ତି। ମାତ୍ର ମଣିଷ ଚରିତ୍ର ଓ ପ୍ରକୃତିର ଯେଉଁ ରୂପ କାବ୍ୟ କବିତାରେ ପ୍ରସ୍ଫୁଟିତ କରିଦେଲେ, ସେଇ କାରଣରୁ କେବଳ କବିବର ରାଧାନାଥ ରାୟ ତାଙ୍କୁ ପରିଚିତ କରାଇଦେଇଥିଲେ ଉତ୍କଳର ରବିବର୍ମା ବୋଲି। ଯେଉଁ କବିଙ୍କ କାବ୍ୟକବିତାର ପ୍ରାଣବନ୍ତ ପ୍ରକାଶ ରବିବର୍ମାଙ୍କ ଶ୍ରେଷ୍ଠ କଳାକୃତି ସହ ତୁଳିତ ହୋଇପାରେ ତାଙ୍କର ସୁଯୋଗ୍ୟ ଉତ୍ତରାଧିକାରୀ ଭାବରେ ବିନୋଦ ଚନ୍ଦ୍ର ମେହେର ସ୍ୱଳ୍ପ ଚିତ୍ର ଅଙ୍କନ କରିଥିଲେ ମଧ୍ୟ ସେ ଶ୍ରେଷ୍ଠ ଚିତ୍ରକରମାନଙ୍କ ସହ ଯେ ସମକକ୍ଷ ଏହା ଯଥାର୍ଥ ଭାବରେ ଉପଲବ୍ଧି କରିପାରିବା ହେଉଛି ଉନ୍ନତ କଳା ଶକ୍ତିର ଗୌରବାବହ ପରିଚୟ। ରବୀନ୍ଦ୍ରନାଥଙ୍କ ସୁପୁତ୍ର ରଥୀନ୍ଦ୍ରନାଥ ଙ୍କ ସହିତ ତାଙ୍କର ଏହି ତୁଳନା ସବୁ ଦୃଷ୍ଟିରୁ କିପରି ପ୍ରାସଙ୍ଗିକ ଓ ଯଥୋଚିତ ତାହା ସମୁନ୍ନତ କଳାବୋଧ-ସମ୍ପନ୍ନ କଳା ସମୀକ୍ଷକ ଓ କଳାପ୍ରିୟ ସଜ୍ଜନବୃନ୍ଦ ଉପଲବ୍ଧି କରିପାରିବେ ବୋଲି ଆମର ଆଶା ତଥା ବିଶ୍ୱାସ।

ଗଙ୍ଗାଧର-ଶାନ୍ତା-ସଦନ
କଳିଙ୍ଗ ବିହାର, ଭୁବନେଶ୍ୱର
ମୋ -୯୯୩୭୩୭୬୫୬୯୮

# ଶତାବ୍ଦୀର ପ୍ରଥମ ସନ୍ତାନ

ବିରଞ୍ଚି ମିଶ୍ର





"ଶତାବ୍ଦୀ ମାଁ ଛୁଆ କ୍ଲିନିକ୍" ରାଜଧାନୀର ଏକ ନୂତନ ଘରୋଇ ପ୍ରସୂତି କେନ୍ଦ୍ର । ଆଜି ତାହାର ସ୍ୱନକ୍ଷତ୍ର ଦିବସ । ଅଧକ୍ଷା ଡାକ୍ତର ସରୋଜିନୀ ମହାନ୍ତି, ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ଏକ ସମାବେଶର ଆୟୋଜନ କରି, ସେହି, ପ୍ରସୂତି ମାନଙ୍କୁ ଡାକିଛନ୍ତି, ଯୋଉମାନେ ତାଙ୍କ ନିରୀକ୍ଷଣରେ ଥାଇ ସନ୍ତାନ ପ୍ରସବା ହୋଇଛନ୍ତି । ଏମିତି ଏକ ଆୟୋଜନ ନିଆରା ହୋଇ ଥିବାରୁ ଅନେକ ମା ନିଜ ପରିବାର ସହ ଖୁସିରେ ଆସିଛନ୍ତି ।

ପାରମ୍ପରିକ ପୂଜାର୍ଚ୍ଚନା ପରେ ଆୟୋଜିତ ଆନୁଷ୍ଠାନିକ ସଭାରେ, ସେମାନଙ୍କୁ ନିଜ ନିଜର ଅନୁଭୂତି କହିବା ପାଇଁ ଅଧକ୍ଷା ଅନୁରୋଧ କଲେ । ଜଣେ ପରେ ଜଣେ ନିଜ ବକ୍ତବ୍ୟରେ, ସରୋଜିନୀ ମେଡମଙ୍କ ଦେଖରଖରେ ସେମାନେ କିପରି ସୁରୁଖୁରୁରେ ସନ୍ତାନ ପ୍ରସବ କରିଛନ୍ତି, କହିବାକୁ ଲାଗିଲେ ।

ଜଣେ ମା ଆରାଧନା ଦେବୀ, ନିଜ ବକ୍ତବ୍ୟ ଶେଷରେ କହିଲେ, "ମୋ ସନ୍ତାନ ହେଉଛି ଶତାବ୍ଦୀ କ୍ଲିନିକ୍ ର ପ୍ରଥମ ସନ୍ତାନ" ।

ତାଙ୍କ ପରେ ଆସିଲେ, ତାଙ୍କ ପଡୋଶୀ ଉପାସନା ଦେବୀ । ସେ ବି ନିଜ ସୁଖକର ଅନୁଭୂତି କହିଲେ, କିନ୍ତୁ ଶେଷରେ କହିଲେ, "ମୁଁ ଜାଣିଛି, ଆରାଧନା ଦେବୀ ପ୍ରସବ ପାଇଁ ଏହି କ୍ଲିନିକ୍ ଆସିବାକୁ ବାହାରୁ ଥିଲେ । ହେଲେ ଆମ୍ବୁଲେନ୍ସ ଆସିଲା ବେଳକୁ, ଘରେ ହିଁ ତାଙ୍କ ପ୍ରସବ ହୋଇଗଲା । ମୋର ବି ସେଇ ଭଳି ଅବସ୍ଥା । ଫରକ ଏତିକି ଯେ, ମୁଁ କ୍ଲିନିକ୍ ଆସିବା ବାଟରେ ମୋ ଆମ୍ବୁଲେନ୍ସ୍, 'ରାଜଧାନୀ ବନ୍ଦ' ଜାମ୍ ରେ ଫସିଗଲା, ଆଉ ଆମ୍ବୁଲେନ୍ସ୍ ଭିତରେ ହିଁ ମୋର ପ୍ରସବ ହୋଇଗଲା । ମୁଁ ଯେହେତୁ ଅଧାବାଟ ଆସି ଯାଇଥିଲି, ତେଣୁ ମୋ ସନ୍ତାନ ହିଁ ହେଉଛି ଶତାବ୍ଦୀ କ୍ଲିନିକ୍ ର ପ୍ରଥମ ସନ୍ତାନ" ।

ଏବେ ସୁନୟନା ଦେବୀଙ୍କ ପାଳି । ସେ କିନ୍ତୁ ଟିକେ ଉତ୍ତେଜିତ ଜଣା ପଡୁଥିଲେ । ଚିରାଚରିତ ଖୁସି ପ୍ରକାଶ ପରେ କହିଲେ, ଆରାଧନା ଦେବୀଙ୍କ ସନ୍ତାନ ତାଙ୍କ ଘରେ ଜନ୍ମ ହେଲା, ଉପାସନା ଦେବୀଙ୍କ ସନ୍ତାନ ଜନ୍ମ ହେଲା ରାସ୍ତାରେ । ମାତ୍ର ମୋ ସନ୍ତାନ, ଏହି କ୍ଲିନିକ୍ ର ଗେଟ୍ ଆଗରେ ଜନ୍ମ ହୋଇଛି। ତେଣୁ, ମୋ ସନ୍ତାନ ହିଁ ହେଉଛି ଶତାବ୍ଦୀ କ୍ଲିନିକ୍ ର ପ୍ରଥମ ସନ୍ତାନ"।

ସଭା ଶେଷରେ ଅଧ୍ୟକ୍ଷା ଡକ୍ଟର୍ ସରୋଜିନୀ ମହାନ୍ତି ଉଠି କହିଲେ, "ଆପଣ ମାନଙ୍କ ଏତେ ସ୍ନେହ ଶ୍ରଦ୍ଧା ଦେଖି ମୁଁ ସତରେ ଅଭିଭୂତ ହୋଇଯାଇଛି। ଆପଣମାନେ ସୁଖପ୍ରସବ କରିଛନ୍ତି, ସେଥିପାଇଁ ଆମେ ଭଗବାନଙ୍କ ଠାରେ କୃତଜ୍ଞ । ମୁଁ ଓ ଏହି କ୍ଲିନିକ୍ କେବଳ ନିମିତ୍ତ ମାତ୍ର ।

କାହାର ସନ୍ତାନ ଆମ କ୍ଲିନିକ୍ ର ପ୍ରଥମ ସନ୍ତାନ, ସେ ବିଷୟରେ ଆପଣମାନେ ଏକ ରକମ ପ୍ରତିଯୋଗିତା କରିଛନ୍ତି । ଏହା ଆପଣ ମାନଙ୍କ ଭଲ ପାଇବାର ସୂଚକ । ଯୋଉ ମାଆ ମାନେ, ନିଜ ସନ୍ତାନକୁ ଶତାବ୍ଦୀ କ୍ଲିନିକ୍ ର ପ୍ରଥମ ସନ୍ତାନ ବୋଲି ଭାବୁଛନ୍ତି, ସେ ସମସ୍ତଙ୍କୁ ମୋର ଆନ୍ତରିକ ଧନ୍ୟବାଦ । ତେବେ ପ୍ରକୃତ ଅର୍ଥରେ, ଯାହାର ସନ୍ତାନ ଶତାବ୍ଦୀ କ୍ଲିନିକ୍ ର ପ୍ରଥମ ସନ୍ତାନ, ସେ ଆଜି ଏଠାରେ ଉପସ୍ଥିତ ନାହାନ୍ତି । ସେ ହେଉଛନ୍ତି ବିଭାବନା ଦେବୀ । କ୍ଲିନିକ୍ ଆରମ୍ଭ ହେବା ପରେ, ତାଙ୍କ ପ୍ରସବ ଆମ କ୍ଲିନିକ୍ ର ଅପରେଶନ ଥିଏଟର ଭିତରେ ପ୍ରଥମେ ହୋଇଥିଲା।"

ଏହା ଶୁଣି କିଛି ସମୟ ପାଇଁ ନିରବତା ଛାଇଗଲା । ତା'ପରେ କରତାଳିରେ ସଭାସ୍ଥଳ ପ୍ରକମ୍ପିତ ହୋଇ ଉଠିଲା ।

(ବେତାଳ ପଚାରିଲା, "କୁହ ବିକ୍ରମାଦିତ୍ୟ, ଏହି କଥନିକାଟିର ଭାରତର ସ୍ୱାଧୀନତା ସଂଗ୍ରାମ ସହିତ କିଛି ସାମଞ୍ଜସ୍ୟ ଅଛି କି ?" )


ଭୁବନେଶ୍ୱର



# ଅଜାଗା ଘାଆ

ଛନ୍ଦା ମିଶ୍ର





କୃପାସିନ୍ଧୁଙ୍କ ଶୁଖିଲା ମୁହଁକୁ ଦେଖି, ଦୀନବନ୍ଧୁ ବିଚଳିତ ହୋଇ ଉଠିଲେ। ଯେତେ ଯାହା ହେଲେ ଗୋଟିଏ ମାଆ ପେଟର ଭାଇ ଟା, ବଡ ଭାଇ ଥାଉ ଥାଉ ସାନ ଭାଇଟି ମୁହଁ ଶୁଖାଇ ବୁଲିବ, ତାକୁ କଣ ସହି ପାରିବ ବଡଭାଇ ! ଦମୟନ୍ତୀଙ୍କୁ ଚା'ପାଣି ଟିକେ ବରାଦ କରି, ଦୀନବନ୍ଧୁ ଯେମିତି କୃପାଙ୍କ ପିଠିରେ ହାତ ସାଉଁଳି ଦେଇଛନ୍ତି, କୃପାସିନ୍ଧୁ ଫାଟି ପଡିଲେ। କଇଁକଇଁ ହୋଇ କାନ୍ଦି ଉଠି, କହିଲେ" ଭାଇ ମୋର ସବୁ ସରିଗଲା।" କିରେ କଣ ହେଲା ଆଗ କହ ! ଏପରି ପିଲାଙ୍କ ପରି କାନ୍ଦୁଚୁ କାହିଁକି? ଟିକେ ଧୈର୍ଯ୍ୟ ଧର। କହି ସାନ୍ତ୍ୱନା ଦେଲେ ଦୀନବନ୍ଧୁ।

ଚା' ପିଇ ସାରି ସାମାନ୍ୟ ସାଷ୍ଟାମ ହୋଇ କୃପାସିନ୍ଧୁ କହିଲେ, "ଭାଇ , ମୁଁ କେବେ ଭାବି ନଥିଲି, ମତେ ଦିନେ ଏମିତି ଦିନ ବି ଦେଖିବାକୁ ହେବ! ତୁମେ ଚାକିରୀ କରି ଓଡିଶା ବାହାରେ ରହିଲ ବୋଲି, ମୋର ପ୍ରମୋସନ ହେଲେ ବଦଳି ହୋଇଯିବ କହି ମୁଁ ପ୍ରମୋସନ ଗଲିନି କେବଳ ବାପା ବୋଉ ଏକୁଟିଆ ହୋଇଯିବେ ଭାବି । ତାଙ୍କରି ପାଖରେ ରହି, ପାରୁ ପର୍ଯ୍ୟନ୍ତ ତାଙ୍କର ସେବା କଲି। ଭାବିଲି ମତେ ଦେଖି ମୋ ପୁଅ ମୋ ଠାରୁ ଶିଖିବ। ତା' ପାଇଁ ମୁଁ ଉଦାହରଣ ହେବି। ହେଲେ ଜାଣିଛ, କାଲି ମୁଁ ଜାଣିବାକୁ ପାଇଲି ଯେ, ସେ ଆମେରିକାର ନାଗରିକତ୍ୱ ନେଇ ସାରିଛି। ସିଧା ସିଧା କାଲି ମତେ କହିଦେଲା, ତାର ଦେଶକୁ ଫେରିବାର କୌଣସି ଯୋଜନା ନାହିଁ। ଯଦି ମୋର ତାକୁ ଦେଖିବାକୁ ଇଛା ହେଉଛି ତା'ହେଲେ ମୁଁ କାଲେ ଏଠିକା ଘର ବାଡ଼ି ବିକି ତା' ପାଖକୁ ପଳେଇ ଯିବା ଉଚିତ୍ ।"

ଏହା କହି କ୍ଷଣେ ଚୁପ୍ ରହି, କୃପାସିନ୍ଧୁ ପୁଣି କହିଲେ," ମୋର ମନେ ଅଛି ଭାଇ, ପୁଅ ଗଲାବେଳେ ତୁମେ ମତେ କହିଥିଲ, ଚାକଚକ୍ୟ

ଭରା ଦୁନିଆରୁ ମୁହଁ ଫେରେଇ ଆଣିବା ଏତେ ସହଜ ନୁହେଁ କୃପା। ହେଲେ ମୁଁ ଖୁବ୍ ଗର୍ବ କରି ତୁମକୁ କହିଥିଲି, ଭାଇ, ପୁଅକୁ ମୁଁ ଏପରି ଶିକ୍ଷା ଦେଇଚି ଯେ, ସେ ଏ ମାଟିରେ ପାଇଥିବା ଶିକ୍ଷା ଓ ସଂସ୍କାରର ଋଣ ସୁଝିବା ପାଇଁ ନିଶ୍ଚୟ ଫେରିବ। ମୁଁ ଭାବିଥିଲି, ମୁଁ ତ କେବେ କାହାର କିଛି କ୍ଷତି କରିନି, ପାରିଛି ତ ସାହାଯ୍ୟ ହିଁ କରିଛି, ଆଉ ପୁଅକୁ ବି ତାହା ହିଁ ଶିଖାଇଛି। ତା' ହେଲେ ମୋ ଭାଗ୍ୟରେ ଏପରି ଘଟିଲା କାହିଁକି ! ଏସବୁ ବୋଧେ ମୋର ବୃଥା ଅହମିକା ଥିଲା। ମୁଁ ଆଜି ହାତ ଯୋଡି ତୁମକୁ କ୍ଷମା ମାଗୁଛି ଭାଇ, କ୍ଷମା ମାଗୁଛି ବି ବାପାଙ୍କ ଆତ୍ମାକୁ, ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ନାତି ଯାଇ ବିଦେଶୀଙ୍କ ଗୁଲାମୀ କରିବ... ଛି!!, ଲୋକେ ମତେ କଣ କହିବେ! ମୁଁ ଭଲ ବାପାଟିଏ ହେଇ ପାରିଲି ନାହିଁ ଭାଇ, ପିଲାକୁ ମୋର ଭଲ ଶିକ୍ଷା ଦେଇ ପାରିଲି ନାହିଁ ! ଯୋଉ ଘରେ, ସେ ଜନ୍ମ ହୋଇଛି, ଯୋଉ ଘରେ ତା'ର ଶୈଶବ ଓ ଯୌବନ କଟିଛି, ଯୋଉ ଘରଟିକୁ ମୁଁ ନିଜ ଝାଳବୁହା ଧନରେ ଏତେ ଯତ୍ନରେ ତିଆରି କରିଛି, କେତେ ସହଜରେ ସେ ତାକୁ ବିକି ଦିଅ ବୋଲି କହି ଦେଇ ପାରିଲା! ତାର ସେ କଥା ଗୁଡାକ ଦେହରେ ମୋର ଅଜାଗା ଘାଆଟିଏ କରିଦେଲା ଭାଇ। ଯାହାକୁ ମୁଁ କାହାକୁ ଦେଖାଇ ବି ପାରିବି ନାହିଁ !"କୃପାସିନ୍ଧୁଙ୍କ ଆଖିରୁ ଝରି ପଡିଥିଲା ଲୁହ କିଛି।

କୃପାସିନ୍ଧୁଙ୍କୁ ଶାନ୍ତ ହେବା ପାଇଁ କିଛି ସମୟ ଦେଇ ଦୀନବନ୍ଧୁ ଆରମ୍ଭ କଲେ," ଭାଇରେ, କିଛି କଥା ଆମ ହାତରେ ଥାଏ ଆଉ ଅନେକ୍ କିଛି ଆମ ହାତରେ ନଥାଏ, ତାକୁ ଆମେ, କପାଳ ଲିଖନ, ଭାଗ୍ୟ, ବିଧାତାର ଇଚ୍ଛା ଆଦି କହି ନିଜକୁ ସାନ୍ତ୍ୱନା ଦେଉ। କେବଳ ବାପା ମା'ଙ୍କ ଶିକ୍ଷା ଦ୍ୱାରା ପିଲା ଯଦି ଗଢା ହେଉଥାନ୍ତେ ତେବେ ଏ ସମାଜରେ ଏତେ ଅରାଜକତା ନଥାନ୍ତା। କୌଣସି ବାପା ମା କେବେ ତାଙ୍କ ପିଲାଙ୍କୁ ଭୁଲ ରାସ୍ତାରେ ଯିବା ପାଇଁ କୁହନ୍ତି ନାହିଁ। ସମସ୍ତେ ଚାହାଁନ୍ତି ତାଙ୍କ ଛୁଆଟି ସମାଜରେ ତାଙ୍କର ନାମକୁ ଉଜ୍ଜ୍ୱଳ କରୁ। ମାତ୍ର ପରିସ୍ଥିତି ଓ ପରିବେଶର ପ୍ରଭାବ ପିଲାଙ୍କୁ ଅଧିକ ପ୍ରଭାବିତ କରିଥାଏ। ଆଉ ରହିଲା ଲୋକଙ୍କ କଥା, ସେଥିରୁ ଆମକୁ କଣ ମିଳିବ କହିଲୁ, ଲୋକେ ତ ଭଲରେ ବି କୁହନ୍ତି, ମନ୍ଦରେ ବି କୁହନ୍ତି, ତାଙ୍କ କାମ ହେଉଛି କହିବା । ସେମାନେ ତାଙ୍କ କାମ କରିବେ, ତୁ କେବଳ ତୋ ନିଜ ଉପରେ ଧ୍ୟାନ ଦେ । ଲୋକଙ୍କ କଥାରେ କାନ ଦେ ନା। ତା'ପରେ ବି ଯଦି କେହି କହୁଚି, ଭାବି ନେବୁ, ଲୋକଟି ପ୍ରକୃତରେ ଜୀବନ କଣ ଜାଣି ନାହିଁ ବୋଲି।

ମତେ କହିଲୁ କୃପା, ଏ ଦୁନିଆରେ ଏପରି କିଏ ଅଛି ଯାହାର ଦୁଃଖ ବୋଲି କିଛି ନାହିଁ! କାହାର ମନ ଅସୁଖୀ ତ କାହାର ତନ ଅସୁଖୀ, ଯାହାର ମନ ଓ ତନ ଉଭୟ ସୁଖୀ ତାକୁ ତାର ପରିବାର କରି ଦେଉଛି ଅସୁଖୀ । କିଏ ପୁଅ ପାଇଁ ତ କିଏ ଝିଅ ପାଇଁ, କିଏ ସ୍ତ୍ରୀ ପାଇଁ ଆଉ କିଏ ସ୍ୱାମୀ ପାଇଁ, କିଏ ବା ଭାଇ ବନ୍ଧୁ କୁଟୁମ୍ବଙ୍କ ଠାରୁ ଦୁଃଖ ପାଉଛି। ଏପରି ଅସୁଖୀ ଥିବା ଲୋକ ଟିକୁ ଦେଖି ସୁଖରେ ଥିବା ଲୋକଟି ଭାବୁଚି, ମୁଁ ଭଲ କର୍ମ କରିଥିଲି ଯେ ସୁଖ ଭୋଗୁଛି । ହେଲେ ଦୁଃଖ ତା' ପଛରେ ଛିଡାହୋଇ ହସୁଚି, କହୁଚି ବାବୁ, ବ୍ୟସ୍ତ ହୁଅ ନା, ତୁମ ବେଳ କାଳ ବି ଆସୁଚି। ଦିନ ଓ ରାତି ପରି ପ୍ରତ୍ୟେକଙ୍କ ଜୀବନରେ ସୁଖ ଓ ଦୁଃଖ ଅଛି। ଆଜି ଯିଏ ସୁଖରେ ଅଛି କାଲି ତା' ପାଇଁ ଦୁଃଖ ହୋଇଛି ଥୁଆ । ଆଜି ଯିଏ ଦୁଃଖ ଭୋଗୁଛି, କାଲି ତା ପାଇଁ ପରସା ଯିବ ସୁଖ । ଏହାହିଁ ତ ସଂସାରର ନିୟମ। କୌଣସି ଦିନ ସବୁଦିନ ପାଇଁ ରହିବ ନାହିଁରେ । ଆଉ ଏସବୁ ହିଁ ଆମକୁ ମଣିଷଟିଏ କରି ଗଢି ତୋଳେ।

ତେବେ ସମାଜରେ ଚଳିବା ପାଇଁ ପ୍ୟାଣ୍ଟ ସାର୍ଟ ପିନ୍ଧିଲା ଭଳି, ସମସ୍ତେ ମୁହଁ ଉପରେ ସୁଖ ଓ ସନ୍ତୁଷ୍ଟି ର ମୁଖା ମଡେଇ ହେଉଛନ୍ତି ଚଳପ୍ରଚଳ।

ଆଉ ଯିଏ ଯେତେ ବେଶି ହସୁଚି ଯେତେ ବେଶି ନିଜକୁ ସୁଖୀ ବୋଲି ବିଜ୍ଞାପନ ଦେଉଛି, ଜାଣିଥା ସିଏ ସେତେ ଅଧିକ ଦୁଃଖୀ। ନିଜ ଦୁଃଖ, କାଳେ ଅନ୍ୟ ଆଖିରେ ଧରା ପଡିଯିବ ଏଇ ଭୟରେ ସେ ନିଜକୁ ଅଧିକ ସୁଖୀ ଦେଖାଇବା ପାଇଁ ଅଭିନୟ କରେ। ସେ ଗୀତଟି ତୁ ଶୁଣିଛୁ ନା.. ତୁମ୍ ଇତନା ଯୋ ମୁସ୍କୁରା ରହେହୋ, କ୍ୟା ଗମ୍ ହୈ ଯିସକୋ ଛୁପା ରହେହୋ!

ହଉ, ଏସବୁ ତ ସମାଜର କଥା, ଏବେ ତୋ କଥାକୁ ଆସିବା। ପୁଅ ତୋର ଆମେରିକାରେ ଭଲରେ ଅଛି ତ? ସୁଖରେ ଅଛି ତ? ବାସ୍ ଗୋଟେ ବାପା ପାଇଁ ପୁଅର ସୁଖ ଠାରୁ ବଳି ଆଉ କିଛି ଥାଇ ପାରେ କି ! ପୁଅର ସୁଖ ଦେଖି ତୁ ଖୁସି ହଅ।

ଦୀନବନ୍ଧୁଙ୍କ କଥାକୁ ଅଧାରୁ କାଟି, କୃପାସିନ୍ଧୁ କହିଲେ, "ହେଲେ ଭାଇ , ମୁଁ ମଲେ ମତେ ମୁଖାଗ୍ନି ଦେବ କିଏ? ଯଦି ବା ପୁଅ ଆସିବ, ସେ ତ ଆସିଲା ବେଳକୁ ମୁଁ ବାସୀ ମଡା ହୋଇ ସାରିଥିବି। ମତେ ତ ଆଉ ମୋକ୍ଷ ମିଳିବ ନାହିଁ!"

ସାନଭାଇର କଥା ଶୁଣି ହୋ ହୋ ହୋଇ ହସି ଉଠିଲେ ଦୀନବନ୍ଧୁ। କହିଲେ, ବୁଝିଲୁ କାହାର କୋଉ କଥା, ଟେରୀ କହୁଚି ତା' ଦିଅର କଥା। କଥାଟି ତା'ହେଲେ ଯାଇ ଏଇଠି। କିରେ ମଲା ପରେ କାହାର କଣ ହେବ, ସେକଥାକୁ ଏତେ ଚିନ୍ତା କାହିଁ କରୁଛୁ। ତୋର ସିନା ପୁଅଟିଏ ଅଛି, ମୋର ତ ଯୋଡ଼ିଏ ଝିଅ ତା'ହେଲେ ମୁଁ କଣ ନର୍କକୁ ଯିବି! ଆଉ ଯୋଉମାନଙ୍କର ପୁଅ ଝିଅ ନାହିଁ ସେମାନେ କଣ କରିବେ? ଛାଡ ଛାଡ.. ବଞ୍ଚି ଥାଉ ଥାଉ ମଲା ପରେ କଣ ହେବ ଭାବି ନିଜକୁ ମାର ନା। କୃପା ରେ.. ମୁଁ ତ କହିବି, ଈଶ୍ୱର ଯାହା କରନ୍ତି ଆମ ମଙ୍ଗଳ ପାଇଁ। ଗୋଟିଏ ପୁଅରେ ତୋର୍ ଆସକ୍ତି ଦେଖି ଈଶ୍ୱର କ୍ଷୁବ୍ଧ, ସେ ଚାହାଁନ୍ତି କୋଟିଏ ପୁଅଙ୍କ ପାଇଁ ତୁ କିଛି କର ବୋଲି, ସମାଜର ମଙ୍ଗଳ ପାଇଁ କିଛି କର, ନିଜକୁ ହଜେଇ ଦେ, ନିଜକୁ ମଜେଇ ନେ, ଦୀନ ଦୁଃଖୀଙ୍କ ସେବା ରେ..ଆଉ ଯେଉଁ ଅଜାଗା ଘାଆଟି ହୋଇଛି ତାକୁ ଦେଖ ନା, କି କାହାକୁ ଦେଖାଇବାକୁ ଚେଷ୍ଟା ବି କର ନା। ଖାଲି ଅନ୍ୟ ପାଇଁ କିଛି କରିଯା । ଦେଖିବୁ କେତେବେଳେ ତୋର ସେ ଘାଆଟି ଶୁଖି ଯାଇଥିବ, ତୁ ନିଜେ ବି ଜାଣି ପାରିବୁ ନାହିଁ।

ଦୁଇ ଭାଇ ଚୁପ୍ ଚାପ୍ ହୋଇ ବସିଥିଲେ। କେତେବେଳେ ସଞ୍ଜ ନଇଁ ଆସିଥିଲା ଜାଣି ପାରିଲେ ନାହିଁ। ଠାକୁର ଘରୁ ଦମୟନ୍ତୀଙ୍କ ଘଣ୍ଟି ଓ ପ୍ରାର୍ଥନାର ଶବ୍ଦଗୁଡିକ ଭାସି ଆସୁଥିଲେ, ସର୍ବେ ଭବନ୍ତୁ ସୁଖିନଃ,ସର୍ବେ ସନ୍ତୁ ନିରାମୟା...।

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦

# କଥାରେ କଥାରେ - ୧୬

ମନୋରମା ମିଶ୍ର





ସ୍ୱା- ଆହେ ! ଟିକେ ଶୁଣଶୁଣ, ଆମେ ଦୁହେଁ ଚାଲ ଏଥର ବାଲିଯାତ୍ରା ଦେଖିଯିବା।

ସ୍ତ୍ରୀ - ହେଲେ ତୁମେ ତ କାଳୀପୂଜାରେ ମୋତେ ସାଙ୍ଗରେ ନେଇଯାଇଥିଲ ଯେ ସେଇ ଗହଳିରେ ଏତେ ଜୋରରେ ଆଗେଆଗେ ଚାଲୁଥିଲ,ଆଉ ମୁଁ ବହୁତ ପଛରେ ପଡିଯାଇଥିଲି ।

ସ୍ୱା- ଆହେ ! ତୁମେ ପରା ମୋ ସାର୍ଟକୁ ଲକ୍ଷ୍ୟ କରି ପଛେପଛେ ଆସ ବୋଲି କୁହ...।

ସ୍ତ୍ରୀ- ଆରେ ବାପାରେ ! ଏ ବାଲିଯାତ୍ରା ଗହଳିରେ ମୁଁ ତୁମ ସାର୍ଟକୁ ଚାହିଁଚାହିଁ ଯିବିନା କ'ଣ ମ...!

ସ୍ୱା- ତା'ହେଲେ ତ ମୋତେ ତୁମ ହାତଧରି ତୁମ ସହିତ ଯିବାକୁ ପଡିବ।

ସ୍ତ୍ରୀ- ସେମିତି ତ ନିଶ୍ଚୟ କରିବାକୁ ପଡିବ,କାରଣ ସେ ଯେଉଁ ଗହଳି ଭାବିଲେ ଡରମାଡୁଛି। ତୁମେ ମଧ୍ୟ ଆଉଗୋଟେ କାମକର। ମୋ'ପାଇଁ ଏଥର ମୋବାଇଲ୍ ଫୋନଟିଏ କିଣିଦିଅ ଯେ ଦୁହିଁଙ୍କ ପାଖରେ ଦୁଇଟି ରହିଲା । ବାସ୍ ! ସମସ୍ୟା ଖତମ୍।

ସ୍ୱା- ଜୋରରେ ହସିଉଠି କହିଲେ, ଓହୋ! ଏମିତି କଥା ତା'ହେଲେ। ଆଚ୍ଛା ଠିକ୍ ଅଛି।

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ : ୯୮୬୧୫୬୮୫୩୨

# ଫୁଲ ଓ ପଥର

ବିନୋଦିନୀ ଗଉଡ଼





ସମୟର ନଈ ବହି ଚାଲିଛି କୁଳୁକୁଳୁ ଗୀତ ଗାଇ ଆପଣା ବାଟରେ, ସୁଖ ହେଉ କି ଦୁଃଖ ଅଟକି ଯାଏନି କାହା ପାଇଁ କେବେହେଲେ । ନରେନଙ୍କ ବିୟୋଗରେ ଭାଙ୍ଗି ପଡ଼ିଥିବା ରୀନୁ ସେଇ କଥା ବସି ଭାବୁଛନ୍ତି ଉଦାସ ମନରେ। ସିଏ ସଂସାର ଛାଡି ଯିବାର ନଅ ମାସ ବିତିଗଲାଣି... ଅଥଚ ଲାଗୁଛି, କେତେ ଯୁଗରୁ ତାଙ୍କୁ ଦେଖିନାହାଁନ୍ତି ଯେମିତି। ସେ ଯେତେବେଳେ ପାଖରେ ଥିଲେ, ସବୁ ମାସ, ସବୁ ଋତୁର ଏକ ସ୍ୱତନ୍ତ୍ର ବାସ୍ନା ଥିଲା, ସେ ଚାଲିଯିବା ପରେ ସବୁ ଋତୁ ଯେମିତି ଶୁଷ୍କ ହୋଇ ଯାଇଛି ଆଉ ନିଜେ ବାସ୍ନା ବିଧୂର ଜୀବନଟିଏ ଜିଉଁଛନ୍ତି ଏକାଏକା। ଡିସେମ୍ବର ମାସରେ ଦୁହିଁଙ୍କର ଜନ୍ମଦିନ ପଡେ ପାଖାପାଖି । ସକାଳୁ ଉଠି ଫୁଲତୋଡା ସହ ପ୍ରଥମେ ଶୁଭେଚ୍ଛା ଜଣାନ୍ତି ସେ ହସିହସି । ପିଲାମାନଙ୍କୁ କହୁଥାନ୍ତି - "ଫୁଲ ପରି କୋମଳ ତମ ମାମା, ତା' ମନରେ କେବେ ଆଘାତ ଦେବନି । ମୁଁ ତ ପୁଅ ପିଲା, ପଥର ପରି ଟାଣ ମୋ ହୃଦୟ ପରା"। ତାଙ୍କ ଜନ୍ମଦିନ ଉପଲକ୍ଷେ, ସିଏ ଭଲପାଉଥିବା ମଧୁମାଳତୀ ଆଉ ମଲ୍ଲି ଫୁଲଗଛ ଦୁଇଟି ନେଇ ବୃକ୍ଷରୋପଣ କରିଥିଲେ ଝିଅ, ଜ୍ୱାଇଁମାନଙ୍କ ସହ ଯାଇ ସ୍ମୃତିବନରେ । କାହିଁକି କେଜାଣି ଭାରି ଇଚ୍ଛା ହେଲା ତାଙ୍କ ହାତଲେଖା ଡ଼ାଇରୀ ଟିକେ ପଢ଼ିବା ପାଇଁ । ଡ଼ାଇରୀର ସେଇ ନିର୍ଦ୍ଦିଷ୍ଟ ପୃଷ୍ଠା ଖୋଲି ସ୍ଥିର ହୋଇଗଲେ ରୀନୁ। ଗତବର୍ଷ ତାଙ୍କ ଜନ୍ମଦିନ ଉପଲକ୍ଷେ କିଛି ଲେଖିଥିଲେ ସିଏ - "ରୀନୁ... ଆରବର୍ଷ ଜନ୍ମଦିନ ବେଳକୁ ମୁଁ ହୁଏତ ନଥାଇ ପାରେ ତୋ' ପାଖରେ, ଦୁଇ ବର୍ଷ ହେଲା କ୍ୟାନ୍ସର ସହ ଯୁଦ୍ଧ କରିକରି କ୍ଳାନ୍ତ ହୋଇ ପଡିଲିଣି । ଜୀବନ ପ୍ରତି ବିତୃଷ୍ଣା ଆସି ଗଲାଣି। କିନ୍ତୁ ତୋତେ ଆଉ ଝିଅମାନଙ୍କୁ ଛାଡି ଯିବାକୁ ମନ ଚାହୁଁନିରେ..। ତୋ' ପାଇଁ ଛୋଟ କବିତାଟିଏ ଲେଖିଛି, କେବେ ଫୁରୁସତ୍ ରେ ପଢିବୁ ବସି।

ନମ୍ର,କମ୍ର କୁସୁମଟିଏ ତୁ'
ଆସିଛୁ ମୋ ଜୀବନରେ
ପାଷାଣ ପରିକା ହୃଦୟକୁ ମୋ'
ଭରିଛୁ ପ୍ରୀତି ଫୁଲରେ।

"ତମେ ସିନା ଫୁଲଟିଏ ପରି ସାଇତି ରଖିଥିଲ ମୋତେ ହୃଦୟ ଭିତରେ, ତମ ଅବର୍ତ୍ତମାନରେ ମୁଁ ପଥର ପାଲଟି ଗଲିଣି ତମ ସ୍ମୃତିକୁ ଝୁରିଝୁରି। ତମ ବିନା ଦିନ କଟୁନାହିଁ ଜମା। ଆମେ ଦୁହେଁ ମିଶି ଯେଉଁ ଫୁଲଗଛ ସବୁ ଲଗେଇଥିଲେ ଛାତ ଉପରେ, ଅଶୋକ ଗଛରେ ପେଣ୍ଠାପେଣ୍ଠା ଫୁଲ ଫୁଟିଲାଣି, ମଧୁମାଳତୀ ବାସ୍ନାରେ ଚଉଦିଗ ମହକି ଗଲାଣି, ମଲ୍ଲି,ଗୋଲାପ ଫୁଲ ସବୁ ମୋ ପରି ତମକୁ ଝୁରୁଛନ୍ତି ବସି" - ଡ଼ାଇରୀ ପଢିବା ପରେ ଆତ୍ମକଥନରେ ବୁଡି ଯାଇଥିଲେ ରୀନୁ।

ନୂଆବର୍ଷର ସ୍ୱାଗତ ପାଇଁ ସମସ୍ତେ ଝୁମି ଉଠୁଛନ୍ତି ଖୁସିରେ। ନରେନଙ୍କ ବିନା, ତାଙ୍କ ଜୀବନରେ ଖୁସି ଆଉ କଣ ଅଛି ସତରେ..? ଭାବିଲେ ଆଶ୍ଚର୍ଯ୍ୟ ହୁଅନ୍ତି ରୀନୁ, ଛଅଫୁଟ ଉଚ୍ଚତାର ଦୀର୍ଘ, ସାହସୀ, ମେଳାପୀ ମଣିଷଟି... କେମିତି ଭୟାଳୁ ପାଲଟି ଯାଉଥିଲେ ରୋଗାକ୍ରାନ୍ତ ହୋଇ। ତାଙ୍କୁ ଟିକେ ବି ଛାଡୁ ନଥିଲେ ପାଖରୁ, ସବୁବେଳେ ଅଳି କରୁଥିଲେ - "ମୋତେ ଛାଡ଼ି କୁଆଡେ ଯାଆନା ରୀନୁ, ଭାରି ଡର ଲାଗୁଛି। କିଏ ଯେମିତି ତୋ'ଠାରୁ ଛଡେଇ ନେଉଛି ମୋତେ"। ସତକୁ ସତ ତାଙ୍କୁ ଏକା କରି ସେ ଦିନେ ଚାଲିଗଲେ ସେଇ ଅଫେରା ରାଇଜକୁ।

ଝିଅ ମାନଙ୍କ ସହ ଯାଇ ଆହ୍ଲାବାଦରେ ଅସ୍ଥି ବିସର୍ଜନ କରି ଅଶ୍ରୁଳ ଆଖିରେ ଚାହିଁ ରହିଥିଲେ ରୀନୁ। ଲୁହ ପୋଛୁଥିବା ବେଳେ... ଅଚାନକ ଆଖିରୁ ଚଷମା ଖସିପଡ଼ି ଅସ୍ଥି କଳସ ସହ ଭାସି ଯାଇଥିଲା ତାଙ୍କୁ ବିସ୍ମିତ କରି। ପିଲାମାନଙ୍କୁ ଡାକି କହୁଥିଲେ - "ଦେଖରେ ମା..ବାବା ଗଲାବେଳେ, ମୋ ଚଷମାକୁ ସାଙ୍ଗରେ ନେଇ ଚାଲିଗଲେ"।

ଆନି ତାଙ୍କର ଏବେ ମାଆ ହେବାକୁ ଯାଉଛି। କେତେ ଖୁସି ହୋଇଥାନ୍ତେ ସେ ପାଖରେ ଥିଲେ। ମନତଳେ ଗୋପନ ଅଭିଳାଷଟିଏ ଉଙ୍କି ମାରୁଛି ରହିରହି - "ତମେ ପୁଣିଥରେ ଏ ପୃଥିବୀକୁ ଫେରିଆସ, କଥାକୁହା କଣ୍ଢେଇଟେ ହୋଇ... ଆନିର କୋଳରେ। ସେଇ କୁନି କଣ୍ଢେଇ ଭିତରେ ତମକୁ ଖୋଜି ଖୋଜି ମୁଁ ହୁଏତ ବଞ୍ଚିଯିବି ମୋର ଅବଶିଷ୍ଟ ଆୟୁଷ"। ସତରେ ମହାପ୍ରଭୁ କ'ଣ ତାଙ୍କ ଡାକ ଶୁଣିବେ? ଆଶାୟୀ ନୟନରେ ଚାହିଁ ଥିଲେ ରୀନୁ ଚକାଆଖିକୁ, ଦୁଇ ଧାର ଲୁହ ଝରି ଯାଉଥିଲା ତାଙ୍କ ଚିବୁକ ଛୁଇଁ।

କ୍ୱାଟର୍ ନଂ – ସି,୧-୧ / ୧,
ନ୍ୟୁ-ଗଭରନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫



# ଫେବର୍

ସୁନନ୍ଦା ମହାନ୍ତି





ତୁମେ ଛତା ନେଇକି ଯାଅ ନହେଲେ ନାଇଁ ବର୍ଷାତି ମତେ ମିଳୁନି। ଆଉ ଟିକେ ଖୋଜି ଦେଖ ନା, ଏ ପୁରୁଣା ଛତା ଟାଙ୍ଗି ଧରି ବାଇକରେ ଯାଇହେବ କି କୁହ!କଲେଜରେ ପଢିଲା ବେଳେ ତ ଏଇ ଛତା ଟାଣି ମୁଁ ପଛରେ ବସୁଥିଲି ତୁମେ ବାଇକ ଚଲାଉ ଥିଲ ଆଜି କାହିଁକି ନୁହେଁ! ସେତେବେଳେ ବର୍ଷା ପଡିଲା ମାତ୍ରେ ମତେ ଅନୁରୋଧ କରୁଥିଲ ଛତା ଧରି ପଛରେ ବସିଲେ ତୁମ ସହ ମୋ ମୁଣ୍ଡ ମଧ ଓଦା ହେବାରୁ ରକ୍ଷା ପାଇଯାଆନ୍ତା କହୁଥିଲ। ଆଜି ବାହାଘର ପରି ୟୁ ଟର୍ଣ୍ଣରେ ସବୁ ଭୁଲିଗଲ। ସେଦିନ ଅଧିକାର ପାଇବାକୁ ଅନୁରୋଧ କରୁଥିଲ ଆଜି ମତେ ଟିକେ ମାର୍କେଟ କମ୍ପ୍ଲେକ୍ସରେ ଛାଡ଼ିଦେବାକୁ ସେଦିନର ସ୍ମୃତି ବହନ କରୁଥିବା ଛତା ତୁମର ପୁରୁଣା ହୋଇଗଲା ନା ଆମ ବିବାହ ପରେ ମୁଁ ପୁରୁଣା ହୋଇଗଲି କହି ଉଷୁନା ହାଣ୍ଡି ପରି କରିଥିବା ଘରଣୀ ଲିସା ମୁହଁ ଦେଖି ଖାଲି ଚମକି ପଡ଼ିନଥିଲେ ସ୍ୱାମୀ ବରଂ ଭାବୁଥିଲେ ସେଦିନର କଥା ସବୁ। ଲିସାକୁ ପାଇବା ପାଇଁ ଏଇ ଛତାକୁ ଛାତ କରି ପାଖାପାଖି ବସିବା ସୁଯୋଗରେ ଲିସାର ସାନିଧ୍ୟ ଟିକେ ପାଇବାକୁ ସେ କେତେ ବ୍ୟାକୁଳ ଥିଲେ। ହଉ ହଉ ଆସ ଛତା ଧରି ପଛରେ ବସ କହି ଅତନୁ ଗାଡି ଷ୍ଟାର୍ଟ କଲାବେଳେ ଭାବୁଥିଲେ ସତରେ ପିଲାଦିନେ ଏଇ ଛତା ତଳେ ଦୁଇ ତିନିଜଣ ସାଙ୍ଗ ମିଶି ଚାଲିବାରେ କେତେ ଆତ୍ମୀୟତା ଥିଲା।ଆଜି କିନ୍ତୁ ବର୍ଷାତି ପିନ୍ଧି ବାପାଙ୍କ ପଛରେ ପୁଅ ହେଉ ଅବା ଝିଅ ବାଇକ ଉପରେ ପାଖାପାଖି ନିକଟରେ ବସି ମଧ ପରସ୍ପର ଠାରୁ କେତେ ଦୂରରେ! ପଛରେ ସ୍ତ୍ରୀ ଲିସା ମଧ ଦେଖୁଥିଲେ ବାଇକରେ ବର୍ଷାତି ପିନ୍ଧି ବାପା ବା ଜେଜେବାପାଙ୍କ ପାଖରେ ପୁଅ, ଝିଅ, ନାତି କି ନାତୁଣୀ ବର୍ଷାତି ପିନ୍ଧି ସ୍କୁଲ ଯାଉଛନ୍ତି ସେପଟୁ ମୁହଁ ଫେରାଇ ଲିସା ଦେଖୁଥିଲେ ଏପଟେ ଶ୍ରମିକମାନେ

ଯୋଡି ଯୋଡି ବଣି ପରି ବନ୍ଧୁ ବା ଦମ୍ପତ୍ତି ଚାଲିଛନ୍ତି ବର୍ଷାରେ ଏକାଠି ଗୋଟିଏ ଛତା ତଳେ। କେତେ ନିକଟତର ଏଇ ଛତାରେ ସେମାନେ ସତରେ!

ମାର୍କେଟ କମ୍ପ୍ଲେକ୍ସ ଆସିଯାଇଥିଲା। ବାଇକରୁ ଓଲ୍ହେଇ ଅତନୁ ଚାଲିଯାଇଥିଲେ ବର୍ଷାତି ପିନ୍ଧି ଅଫିସ ଅଭିମୁଖେ ଆଉ ଛତା କଥା ଭାବୁ ଭାବୁ ଲିସାଙ୍କର ପୁଅ କଥା ମନେ ପଡୁଥିଲା। ସେଦିନ ଛତାଟି ଖୋଜି ଖୋଜି ନାକେଦମ ହେଲେଣି ସୁମି। କୋଉଠି ପାଉ ନାହାଁନ୍ତି। ବାସନ୍ତୀ କାମ ସାରି ଫେରିଲା ବେଳକୁ କୋଉଠି ଥିଲା ଏ ଅଦିନିଆ ବର୍ଷା,କଚାଡିଲାଣି। ସେ ଘରକୁ ଗଲେ ତାକୁ ତା ଝିଅ ପାଇଁ ଖୁଦୁରୁକୁଣୀ ଭୋଗ ସଜାଡିବାର ଅଛି ଯେ। ବାସନ୍ତୀ କହୁଥିଲା ଥାଉ ମାଆ ମୁଁ ଜରି ଘୋଡେଇ ହୋଇ ଚାଲିଯିବି। ଅନ୍ଧାର ହେଲାଣି ଝିଅ ଡରୁଥିବ। ମୁଁ ଗଲେ ସେ ଓଷା କରିବାକୁ ସାଙ୍ଗ ମାନଙ୍କ ସଙ୍ଗେ ମିଶିକି ଯିବ ପରା ମାଆ ମୁଁ ଯାଉଛି। ରହ ରହ ଓଦା ହେଲେ ଥଣ୍ଡା ଜ୍ୱର ଛାଡିବ ନାହିଁ। କାମକୁ ଆସିପାରିବୁ ନାହିଁ। ଏତିକି କହିଛନ୍ତି କି ନାହିଁ ସୁମି, ପୁଅ ଦଉଡି ଦଉଡି ଆସିଲା। ହାତରେ କଣ ଗୋଟେ ଲେଖା ଧରିଥାଏ।

ସୁମି ପଚାରିଲେ, ଛତାଟା ଦେଖିଛୁ କି ବାବୁ? ହଁ ମାଆ, ଖାଲି ଦେଖିଛି ନୁହେଁ ନେଇଛି। କୁଆଡେ? କାହିଁକି?? ବାସନ୍ତୀ ମାଉସୀ ଓଦା ହୋଇକି ଘରକୁ ଗଲେ ତା ଦେହ ଖାରାପ ହେବନି। ଆଣିଲୁ ଆଣିଲୁ ଛତା। ମୁଁ ସେଇଟା ଟମି ଓ ତା ଛୁଆଙ୍କ ମୁଣ୍ଡ ଉପରେ ଘୋଡେଇ ପୋତି ଦେଇ ଆସିଛି। ବାସନ୍ତୀ ମାଉସୀଙ୍କୁ ତୁମେ ତୁମ ରେନ କୋର୍ଟ ଦେଇଦିଅ। ସେ ଭଲରେ ଘରେ ପହଞ୍ଚିଯାଇ ପାରିବେ। ହେଲେ ମାଆ ସେ କାଳିଆ କୁକୁରଟା ତା ଛୁଆ ସହ ରାତି ସାରା ଓଦା ହେଲେ ତା କଥା କିଏ ବୁଝିବ କହିଲ?ଉପର ବର୍ଷାକୁ ତଳ ଓଦା।ମୁଁ ଅଖା ପାରି ଅଖା ଉପରେ ସେମାନଙ୍କୁ ରଖି ଛତା ପୋତି ଦେଇଛି। ଆଉ କଣ ଲେଖିଛୁ ସେଥିରେ?? ସେଇକଥା,ଯାହା ଟିକେ ଆଗରୁ ତୁମେ ବାସନ୍ତୀ ମାଉସୀଙ୍କୁ କହୁଥିଲ। ସମସ୍ତେ ନିଜ ନିଜ ଚାରିପାଖରେ ଥିବା ପଶୁଜନ୍ତୁଙ୍କୁ,ବର୍ଷା ଦାଉରୁ ରକ୍ଷା କରନ୍ତୁ। ନହେଲେ ସେମାନଙ୍କ ଦେହ ଖରାପ ହେବ। ତୁମେ ଖାଲି ତାଙ୍କୁ ଖାଇବାକୁ ଦେଲେ କଣ ହେବ ମା, ତାଙ୍କର ବି ଆଶ୍ରୟ ଦରକାର ନା ମା। ତାଙ୍କର ଦେହ ଖାରାପ ହେଲେ ସେ ପ୍ରଥମତଃ କଥା କହିପାରନ୍ତି ନାହିଁ ଦ୍ୱିତୀୟତଃ କହିବେ କାହାକୁ, କିଏ ଶୁଣିବ ତାଙ୍କ ଦୁଃଖ। ମାଆ କାନ୍ଦିପକେଇଥିଲେ। ବାସନ୍ତୀ ମାଉସୀ ମାଆଙ୍କ ରେନ କୋର୍ଟ ପିନ୍ଧି ଚାଲି ଯାଉ ଯାଉ କହୁଥିଲା, ଛୋଟ ବାବୁଙ୍କୁ ମାଆ ମଙ୍ଗଳା ଏମିତି ସଦବୁଦ୍ଧି ଦେଉଥାଆନ୍ତୁ।

ଭାବୁ ଭାବୁ ଦୁଆରେ ଲାଗିଲା ରିକ୍ସା। ଗୋଟିଏ ଛତାକୁ ଛାତ କରି ଶ୍ରମିକ ଦମ୍ପତ୍ତି ପହଁଞ୍ଚି ସାରିଥିଲେ। ସେମାନଙ୍କୁ କାମ ଦେଖାଇ ଲିସା ତିନିକପ ଚା ନେଇ ଆସି ପହଁଞ୍ଚି ଗପ ଯୋଡି ଦେଇଥିଲେ। ଅଳ୍ପ ଭାଙ୍ଗି ପଡ଼ିଥିବା ଉପର ଛାତରୁ ତଳକୁ ପାଣି ଯାଉଥିବାରୁ କିଛି ଇଟା ସହ ସିମେଣ୍ଟ ଓ ଗୋଡି ଯୋଡି ଚାଲିଥାନ୍ତି ସ୍ୱାମୀ ଓ ସ୍ତ୍ରୀ ଦୁହେଁ। ସ୍ତ୍ରୀ କହୁଥାଏ ତୁମ ଘରେ କାମ କରୁଥିବା ବାସନ୍ତୀ କଥା ଶୁଣିଲଣି ମାଆ। ନା ତ, ଏବେ ଆମ ଘରେ ରମା ରହିବା ପରଠାରୁ ବାସନ୍ତୀ ଖବର ଜାଣିପାରିନି। କଣ ହେଲା ତାର!ଏକମାତ୍ର ଝିଅକୁ ମଣିଷ କରିବାକୁ ଯାଇ ହାରିଯାଇଛି ମାଆ ବାସନ୍ତୀ।କଣ ହେଲା ଫିଟେଇ କୁହମତେ କହି ଲିସା ଶୁଣୁଥିଲେକାହାଣୀ ପରି ଲାଗୁଥିବା ସତ କଥାଟି। କାମକୁ ଆସିଥିବା ସ୍ତ୍ରୀ ଲୋକଟି ସ୍ୱାମୀ ପାଖକୁ ସିମେଣ୍ଟ ମସଲା ବଢ଼େଇ ଦେଇ କହୁଥିଲା ବାସନ୍ତୀ ଝିଅକୁ କଲେଜରେ କିଏ ଫେବର ମାଗିବାରୁ ସେ ଦୋକାନ ରେ ନିଦ ବଟିକା କିଣିବା ଦେଖି ଆମ ପୁଅ ବାସନ୍ତୀ ମାଉସୀଙ୍କୁ ସବୁକଥା କହିଦେଇଥିବାରୁ ଝିଅଟା ବଞ୍ଚିଗଲା ମାଆ। ନହେଲେ ତ କଥା ସରିଥିଲା ଜାଣ ମାଆ। ଆମେ ମୂର୍ଖ ଲୋକ ସେ ଫେବର କଥା କଣ

ଜାଣୁ!ପୁଅ ଆମର କହୁଥିଲା ସେଇଟା ସେମିତି କିଛି ବଡ଼ କଥା ନହେଲେ ମଧ୍ୟ ଛୋଟ କଥା ନୁହେଁ। ଯିଏ ଦେଢ଼କୁ ନେଇ ସାହାସ ହରାଇବ ସେ ଖାଲି ପସ୍ତେଇବ। ବାସନ୍ତୀ କହୁଛି ତା ଝିଅ ଖୁଦୁରୁକୁଣୀ କରେ ବୋଲି ତାକୁ ମାଆ ମଙ୍ଗଳା ବଞ୍ଚେଇଦେଲେ କିନ୍ତୁ ଆମ ପୁଅ ବାସନ୍ତୀ ଝିଅକୁ ବାହା ହେବାକୁ ମୀ ଜିଦ କରୁଛି। କଣ କରିବୁ ବୁଝିପାରୁନୁ। ଯୋଉ ଝିଅକୁ କେହି ଫେବର ମାଗେ ତାକୁ ବୋହୁ କରିବା କେତେ ଦୂର ଠିକ ବୁଝିପାରୁନଥିବା ବେଳେ ଆମ ପୁଅ କହୁଛି ତୁମେ ଦୁହେଁ ରାଜି ହେଲେ ମୁଁ କାଉଡ଼ିଆ ସାଜି ଶିଙ୍କ ଶୀରରେ ଜଳଶାୟୀ କରିବି। କୋଉ କୂଳକୁ ହେବୁ ବୁଝିପାରୁନୁ। ପୁଅ ବୁଝେଇ କହୁଛି ଫେବର ମାନେ ଶିବଙ୍କ ଶୀରରେ ଜଳଲାଗି କଲେ ଯାହା ମିଳେ ସେଇଟା ଫେବର। ଜଳ ଲାଗି କଲେ କରୁଣା, କୃପା, ଦୟା ମିଳେ। ସେଇଟା କଣ ମାଗିବା ଜିନିଷ ଯେ ବାସନ୍ତୀ ଝିଅକୁ କେହି ମାଗିଲା, ଯଦି ମାଗିଲା ଏଥିରେ ନିଦ ବଟିକା ଖାଇ ଜୀବନ ହାରିବା କଣ ଦରକାର ବୁଝି ହେଉନି।ଲିସା ବୁଝିପାରୁନଥିଲେ ରଙ୍ଗ ଟର୍ଣ୍ଣ କଥାଟାକୁ କେମିତି ବୁଝେଇବେ!

ଲିସା ବୁଝେଇ ଦେଲେ ଆମ ଭାଷା ଭାରି ମଧୁର। ସେଥିରେ ଇଂରାଜୀ ଶବ୍ଦ ପଶି ଆସିଲେ ବୁଝିବା ଅସୁବିଧା ହୁଏ। ବାସନ୍ତୀ ଝିଅର ଏତିକିରେ ଭାଙ୍ଗି ପଡ଼ିବାର ନଥିଲା ବରଂ କିଏ କାହିଁକି ତାକୁ ଫବର ମାଗିଲା ବୁଝିବାର କହିବାର ଥିଲା। ଝିଅ ଯଦି ପାଠ ପଢି ସାହାସୀ ଓ ଧୈର୍ଯ୍ୟ ରକ୍ଷିଣାପାରିଲା ତେବେ ପାଠ ର ମୂଲ୍ୟ କଣ? ଆଚ୍ଛା ତୁମ ପୁଅ ବାସନ୍ତିର ଝିଅକୁ ବାହାହେବ କହୁଛି ଯେ ବାସନ୍ତୀ ଝିଅ ଏକଥାକୁ ଦିହକୁ ନେଇ ଫେବର ବୋଲି ଭାବୁନିତ? ନାଇଁ ମାଆ ଆମ ପୁଅ ଓ ବାସନ୍ତୀ ଝିଅ ପରା ପିଲାଦିନୁ ଗୋଟିଏ ଛତା ତଳେ ଖରା ବର୍ଷାରେ ଯାଇ, ଗୋଟିଏ ଥାଳିରେ ଖାଇ ତାଙ୍କ ଭିତରେ ଭାବ। ଲିସା ଏଥର ଚୁପ ରହିଥିଲେ। ସେଦିନ ସନ୍ଧ୍ୟାରେ ସ୍ୱାମୀ ଆଣିଥିବା ନୂଆ ଛତାଟି ଦେଖି ଲିସା ଭାବୁଥିଲେ ବାସନ୍ତୀ ଝିଅକୁ ଦେଇ କହିବେ କଥାର ରଙ୍ଗ ଟର୍ଣ୍ଣେ ନପଡ଼ି ଏଇ ଛତା ପରି ଛାତ ବନିଯିବା ଉଚିତ।ପୁଅ କହୁଥିଲା ତୁ ଜାଣିଛୁ ମାଆ ଗୋଟେ ଝିଅକୁ ଛତଟିଏ ମାଗିବାକୁ ଯାଇ ମୋ ସାଙ୍ଗ ସେହି ଝିଅକୁ ଟିକେ ଫେବର କର କହିବାରୁ ସେ ଝିଅ କଥାରୁ ନଥା ବାହାର କରି ୟୁ ଟର୍ଣ୍ଣ ରୁ ରଙ୍ଗ ଟର୍ଣ୍ଣ କରି ଅବୁଝାମଣା ହୋଇ ଜୀବନ ହାରିବାକୁ ବସିଥିଲା। ଆଜି ମୋ ସାଙ୍ଗର କେଶ ରଫା ଦଫା ହୋଇଛି। ଦେଲୁ ଦେଲୁ ନୂଆ ଛତଟା ମୁଁ ଯାଏ ଟିକେ ବୁଲି ଆସେ ବଜାର ଆଡ଼େ। ଲିସା ବଡ଼ ବଡ଼ ଆଖି କରି ପୁଅକୁ କହିଲେ କୋଉ ଝିଅକୁ ଫେବର କର ବୋଲି ଯେମିତି ନକହୁ ଆଜିଠୁ।ପୁଅ ମଧ୍ୟ ମାଆ ଲିସାଙ୍କ କଥା ଖୁବ ମାନିଥିଲା କିନ୍ତୁ ପୁଅର ବାହାଘର ଦିନ ଲିସା ଓ ସ୍ୱାମୀ ଯେବେ ବୋହୁର ବାପା ମାଆଙ୍କୁ ଟିକେ ଫେବର କରନ୍ତୁ।ଯୌତୁକ ବଦଳରେ ଆପଣଙ୍କ ଝିଅର ପସନ୍ଦ ଅପସନ୍ଦର ଲିଷ୍ଟ ଟିକେ ଦିଅନ୍ତୁ କହୁଥିଲେ ନିଜ ପୁଅ ସହ ସମସ୍ତେ ହସିଥିଲେ ସତ ହେଲେ ଦୁଇ ପଟର ସମୁଦୀ ସମୁଦୁଣୀ ଖୁବ ଖୁସି ହୋଇଯାଇଥିଲେ ପରସ୍ପର ପରସ୍ପରକୁ ସାତପୁରୁଷି ବନ୍ଧୁ ପାଇ।

ସାକ୍ଷୀଗୋପାଳ, ପୁରୀ
ମୋ:୯୦୪୦୯୭୭୩୨୭

# ବିଶ୍ୱ ବୈଶିଷ୍ଟ୍ୟରେ ମାନବ ଧର୍ମ

ମାନଗୋବିନ୍ଦ ବାରିକ



ସାଂପ୍ରତିକ ସମାଜରେ ଧାର୍ମିକ ମତବାଦକୁ ନେଇ ହିଂସାକାଣ୍ଡ ଓ ସାମ୍ପ୍ରଦାୟିକ ଦଙ୍ଗା ଫଳରେ ସମଗ୍ର ବିଶ୍ୱ ଜନ ଜୀବନରେ ଅହରହ ଅସ୍ଥିରତା ଲାଗିରହିଛି।ଯଦ୍ଦ୍ୱାରା ମଣିଷ ହୃଦୟରେ ପରସ୍ପର ପ୍ରତି ଦୟା,କ୍ଷମା,ପ୍ରେମ,ସହାନୁଭୂତି, ସହୃଦୟତା ପରିବର୍ତ୍ତେ ଘୃଣା,ଅସୂୟା ଅସହିଷ୍ଣୁତା ଭାବ ବଢ଼ିବା ସଙ୍ଗେସଙ୍ଗେ କ୍ରମଶଃ ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟିବାରେ ଲାଗିଛି। ଯାହା ମାନବଧର୍ମ ତଥା ବସୁଧୈବ କୁଟୁମ୍ବକମ୍ ପରିକଳ୍ପନାର ପରିପନ୍ଥୀ।ବିଶ୍ୱ ମାନବ ସମାଜକୁ କେବଳ ମାନବିକ ଚେତନା ଓ ମାନବଧର୍ମହିଁ ଏକତା ଓ ଅଖଣ୍ଡତା ସୂତ୍ରରେ ବାନ୍ଧି ରଖିପାରିବ। ପରସ୍ପର ଭିତରେ ସମନ୍ୱୟ ସ୍ଥାପନର ସତ୍ ଚେତନା ଓ ସଦଭାବନା ଜାଗ୍ରତ କରିବାରେ ସହାୟକ ହୋଇପାରିବ। ମାନବଧର୍ମ ସଂସ୍କାରିତ ମାନବିକ ମୂଲ୍ୟବୋଧର ଏକ ଅତି ମାନବିକ ପରିପ୍ରକାଶ।ଏହା କୌଣସି ସମ୍ପ୍ରଦାୟ କିମ୍ବା ଧାର୍ମିକ ମତବାଦର ସଂକୀର୍ଣ୍ଣତା ଗଣ୍ଡି ଭିତରେ ସୀମାବଦ୍ଧ ନୁହେଁ ବରଂ ଏକ ମହା ଜାଗତିକ ସର୍ବୋତ୍କୃଷ୍ଟ ଅତିବୌଦ୍ଧିକ ଚିନ୍ତନ।

ଏହା ସବୁ ମଣିଷ ଅନ୍ତରରେ ଏକ ଅନ୍ତର୍ନିହିତ ଅତି ବୌଦ୍ଧିକ ଚେତନା ଯାହାକୁ ଜାତି,ଧର୍ମ,ବର୍ଣ୍ଣ, ଲିଙ୍ଗାଲିଙ୍ଗ ଭେଦଭାବର କୃତ୍ରିମ କଳ୍ପନାରୁ ମୁକୁଳେଇ ମଣିଷର ବିବେକ,ବୁଦ୍ଧି ଓ ଇଚ୍ଛାଶକ୍ତିକୁ ଜାଗ୍ରତ କରି ବସୁଧୈବ କୁଟୁମ୍ବକମ୍ ଚେତନାରେ ଉଦବୁଦ୍ଧ କରିପାରିବ।ଯାହାହିଁ ମାନବୀୟ ଗୁଣ ପ୍ରେମ,ଦୟା, କ୍ଷମା,ଶାନ୍ତି,ସହାନୁଭୂତି,ଉଦାରତା,ଅହିଂସା, ସଂହତିର ମହନୀୟତା ମନ୍ତ୍ରରେ ଅନୁମନ୍ତ୍ରିତ ଓ ସର୍ବଧର୍ମ ସମନ୍ୱୟ ବିଚାର ଧାରାରେ ଅନୁବନ୍ଧିତ।

ଭିନ୍ନଭିନ୍ନ ସମ୍ପ୍ରଦାୟର ଧର୍ମଗ୍ରନ୍ଥର ମୂଳ ଲକ୍ଷ୍ୟ ଏକ ପ୍ରେମମୟ ଆଦର୍ଶ ସମ୍ବଳିତ ନୈତିକ ଜୀବନ ଯାପନ। ପରିତାପର ବିଷୟ ସମ୍ପ୍ରତି ଉକ୍ତ ଅବିକଳ୍ପ ଚିନ୍ତନ ବିଡ଼ମ୍ବିତ ସାମାଜିକ ବ୍ୟବସ୍ଥାର କ୍ରୁର ଚକ୍ରବ୍ୟୁହ ଜନ୍ତା ଭିତରେ ନିଶ୍ଚେତନ। ଏମିତି ଏକ ପୀଡ଼ାଦାୟକ ଦୁଃସମୟରେ ଆମର ଅନ୍ତର୍ନିହିତ ମହାନୁଭବତାର ମାନବିକ ମୂଲ୍ୟବୋଧକୁ ଉଜ୍ଜୀବିତ କରି ମହାନ୍ ମାନବ ଧର୍ମକୁ ଆପଣେଇ ଏକ ବୈଷମ୍ୟ ବିହୀନ ବିକଶିତ ବିଶ୍ୱ ଗଠନର ପ୍ରୟାସ କରିବାର ଆବଶ୍ୟକତା ଅନୁଭୂତ ହେଉଛି। ସମୟ ଆସିଛି, ଆସନ୍ତୁ ! ଆମେ ସମସ୍ତେ ଏମିତି ଏକ ସ୍ଥୂଳ ମାନସିକତାରୁ ନିଜକୁ ନିବୃତ କରି ବିଶ୍ୱ ସ୍ରଷ୍ଟାଙ୍କ ମହନୀୟ ସୃଷ୍ଟିକୁ ମଧୁମୟ ସୃଷ୍ଟିରେ ପରିଣତ କରିବାର ପ୍ରୟାସ ଜାରି ରଖିବା ସହିତ ନିରପେକ୍ଷ ମହା ମାନବିକ ମୂଲ୍ୟବୋଧ ବିଚାର ଧରାକୁ ବିକଶିତ କରିବା।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବ.ଡ.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୬୬୭୩୫

# ଲକ୍ଷ୍ମୀପୁରାଣର ବାର୍ତ୍ତା ସାମାଜିକ ସମରସତା



ହେମଲତା ଜେନା

ପନ୍ଦରଶହ ଶତାବ୍ଦୀରେ ରଚିତ ଲକ୍ଷ୍ମୀପୁରାଣ ଯାହାକି ଓଡିଆ ଭକ୍ତିଧାରାର ପ୍ରବାହକ ପଞ୍ଚସାଖାମାନଙ୍କ ମଧ୍ୟରେ ଜ୍ୟେଷ୍ଠ ବଳରାମ ଦାସଙ୍କ ଦ୍ୱାରା ରଚିତ ତାହା ଏଯାବତ ଓଡିଆ ଜନଶୃତିରେ ତା'ର ସ୍ଥିତି ଜାରି ରଖିଛି । ଲକ୍ଷ୍ମୀପୁରାଣ ରଚନରେ କବିଙ୍କର ଯେଉଁ ମୁଖ୍ୟ ସାମାଜିକ ପରିବର୍ତ୍ତନର ଉଦ୍ଦେଶ୍ୟ ଥିଲା ତାହା ହେଉଛି ସ୍ୱଚ୍ଛତା, ମହିଳା ସଶକ୍ତିକରଣ ଓ ଅଧିକାରବାଦ ଏବଂ ସାମାଜିକ ସମରସତା। ଅତ୍ୟାଧୁନିକତାର ପ୍ରଭାବରେ ସାମ୍ପ୍ରତିକ ସମାଜରେ ସ୍ୱଚ୍ଛତା ଓ ନାରୀ ସଶକ୍ତିକରଣ ଏକ ଆହ୍ୱାନରେ ପରିଣତ ହୋଇଛି ଏବଂ ଅନେକାଂଶରେ ଏହା ସଫଳ ମଧ୍ୟ ହୋଇଛି। କିନ୍ତୁ ପରିତାପର ବିଷୟ ଏହାଯେ ସାମାଜିକ ସମରସତା ଯାନ୍ତ୍ରିକ ସଭ୍ୟତାରେ ଆଦୃତ ହୋଇ ପାରିନାହିଁ। ଏକ ଗ୍ଲାସ୍ ସୁସ୍ୱାଦୁ ସରବତ ପ୍ରସ୍ତୁତି ପାଇଁ ସଠିକ ପରିମାଣର ଜଳ ସହିତ ଲେମ୍ବୁରସ, ଚିନି ଓ ଲୁଣର ଆବଶ୍ୟକତା ଥାଏ ଠିକ ସେହିପରି ଏକ ଉନ୍ନତ ଓ ସୁସ୍ଥ ସମାଜ ପାଇଁ ସମାଜର ପ୍ରତ୍ୟେକ ନାଗରିକଙ୍କର ସହଭାଗିତା ଜରୁରୀ। କାରଣ ଈଶ୍ୱରଙ୍କ ସୃଷ୍ଟିରେ ପ୍ରତ୍ୟେକ ମଣିଷ ସ୍ୱତନ୍ତ୍ର । ସମସ୍ତେ କିଛି ସ୍ୱତନ୍ତ୍ର ଗୁଣର ଅଧିକାରୀ ଯାହାକି ଏକ ବଳିଷ୍ଠ ଓ କର୍ମଠ ସମାଜର ମୁଖ୍ୟ ଉପାଦାନ। ଏଯାଏ କିନ୍ତୁ ଅନେକଙ୍କ ଚେତନାରେ ଉଦଜୀବିତ ରହିଛି ସେଇ କୁଟଚକ୍ରୀ ଇଂରେଜମାନଙ୍କ ଦତ୍ତ ଛୁଅଁନା ଛୁଅଁନା ମନ୍ତ୍ର । ସମୟକ୍ରମେ ଅନେକ ପରମ୍ପରାର ଓ କୁ-ପ୍ରଥା ଗୁଡିକର ପରିବର୍ତ୍ତନ ହେଇଥିଲେ ବି ଜାତିପ୍ରଥା ପରି ଏକ ସାମାଜିକ ବ୍ୟାଧି ତା'ର କାୟା ବିସ୍ତାର କରିଚାଲିଛି । ଅତ୍ୟାଧୁନିକ ଏ ଯାନ୍ତ୍ରିକ ସଭ୍ୟତାର ମାନବଆଜିଚନ୍ଦ୍ରଯାତ୍ରାକରିବାସହିତମଙ୍ଗଳଗ୍ରହରେ ବସତି ସ୍ଥାପନ ହିତ ସୂର୍ଯାଭିଯାନର ପ୍ରୟାସ ଜାରି ରଖିଛି । ପ୍ରାଚୀନ ଯୁଗର ସେ ନଗ୍ନବେଶ ଓ ବଣବାସକୁ କେବେ ଠୁ ଛାଡି ପୋଷାକ ପିନ୍ଧି ସଭ୍ୟବାଣୀ ଓ ସଭ୍ୟଠାଣୀକୁ ଆପଣେଇ ନେବା ସହିତ ବିଜ୍ଞାନର ପ୍ରୟୋଗରେ ପ୍ରତି ମୁହୂର୍ତ୍ତରେ ପ୍ରଗତିର ସ୍ୱପ୍ନ ଦେଖିବା ସହିତ ନାନା ଆବିଷ୍କାର ଓ ଉଦ୍ଭାବନରେ ନିଜ ଶ୍ରେଷ୍ଠତ୍ୱ ଜାରି ରଖିଛି । ଯେଉଁ କୁ-ଅଭ୍ୟାସଟିକୁ ବଦଳାଇବା ପାଇଁ ଦୀର୍ଘ ପାଞ୍ଚଶହ ବର୍ଷ ପୂର୍ବରୁ ବଳରାମ ଦାସ ପ୍ରୟାସ କରିଥିଲେ ତାହା ଏଯାବତ କେବଳ ଉଚ୍ଚାରଣରେ ଜୀବିତ। ଆଚରଣରେ ନୁହେଁ। ଏବେବି ଗାଁ ମାନଙ୍କରେ ଏକାଠି ବସି ଭୋଜି ଖାଆନ୍ତି ନାହିଁ ସାମାଜିକ ବଣ୍ଟନରେ ନାମିତ ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠୀର ଲୋକେ। ଆଜିବି ଗାଁ ରେ ହେଉଥିବା ଅଷ୍ଟପ୍ରହରି ନାମଯଜ୍ଞରେ ସଂକୀର୍ତ୍ତନ ଦଳ ନଗର ବୁଲିବାବେଳେ ମୁଆଁ ଲଡୁ ଦହିପଣାର ମଜା ସଂକୀର୍ତ୍ତନ ଦଳ ସହିତ ଗାଁର ସବୁ ପିଲା ଆନନ୍ଦରେ ଉପଭୋଗ କରୁଥିଲାବେଳେ ସେହି ସମୟରେ ସମାଜ ବର୍ଣ୍ଣିତ ଅସବର୍ଣ୍ଣ ସାହିର କୌଣସି ପିଲା ଗାଁ ଦାଣ୍ଡକୁ ଆସିବାର ସାହସ କରିନଥାନ୍ତି। କାରଣ ସେମାନେ ଜାଣିଛନ୍ତି ସେମାନେ ଗଲେ ତାଙ୍କୁ କହାଯିବ ଘୁଞ୍ଚିଯା ଘୁଞ୍ଚିଯା । କୌଣସି ସବର୍ଣ୍ଣ ଘରର ସଦସ୍ୟ ଏଠି ଆନ୍ତରିକତାର ସହ ଚାହାଁନ୍ତି ନାହିଁ ସ୍କୁଲ କଲେଜରେ ପଢୁଥିବା ତାଙ୍କ ପୁଅ ବା ଝିଅଙ୍କର ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିର କୋଣସି ସାଙ୍ଗ ତାଙ୍କଘରକୁ ଆସନ୍ତୁ, ଖାଇପିଇ ଖୁସିମନାନ୍ତୁ ସେମାନଙ୍କର ଅନ୍ୟ ସାଙ୍ଗସାଥୀଙ୍କ ପରି । ଜାତିପ୍ରଥା ପ୍ରତ୍ୟେକ ସମାଜପାଇଁ ଏକ ପରମ୍ପରା ସଦୃଶ ପିଢିପରେ ପିଢି ପାଳିତ ହୋଇଆସୁଛି। କିନ୍ତୁ ପରମ୍ପରାକୁ ସ୍ଥାୟୀଭାବରେ ଜାବୁଡିଧରିବା

ଉଚିତ ଯାହା ଜାବଡିଧରିବା ଉଚିତ ତାହା ହେଉଛି ଆମ ସଂସ୍କୃତି, ଆମ ଭାରତୀୟ ସସ୍କୃତି କହେ- ଗୁରୁଜନଙ୍କୁ ମଥାଲୋଟା ପ୍ରଣାମ କରିବା, କରମର୍ଦ୍ଦନ ନୁହେଁ କରଯୋଡି ନମସ୍କାର କରିବା , ଏସବୁ ବିଶ୍ୱଦରବାରରେ ଆମ ଭାରତୀୟତାର ପରିଚୟ। ଏସବୁ ପରିତ୍ୟାଜ୍ୟ ନୁହେଁ, କିନ୍ତୁ ପରମ୍ପରା ସମୟ ଅନୁସାରେ ପରିବର୍ତ୍ତନ ହେବା ଜରୁରୀ ଅଟେ । ସତୀଦାହ ପ୍ରଥା ବି ଦିନେ ରାଜ କରୁଥିଲା ପରମ୍ପରା ଭାବରେ କିନ୍ତୁ ତାହାର ମୂଳୋତ୍ପାଟନ ହୋଇପାରିଛି ଏକ ବଳିଷ୍ଠ ଆନ୍ଦୋଳନ ଫଳରେ । ସାକ୍ଷରତା ହାର ଯେତେ ବଢିଚାଲିଛି ଶିକ୍ଷିତଙ୍କ ସଂଖ୍ୟା ସେତେ କମି କମି ଚାଲିଛି। କାରଣ ଶିକ୍ଷିତଙ୍କ ସଂଖ୍ୟା ବଢୁଥିଲେ ଧର୍ମନିରପେକ୍ଷତାର ଡିଣ୍ଡିମ ପିଟୁଥିବା ସମାଜର ବଡପଣ୍ଡାମାନେ ଜାତି ନିରପେକ୍ଷତାକୁ ନେଇ ଚୁପ୍ ରହନ୍ତେ ନାହିଁ। ସର୍ବୋପରି କହିବାକୁ ଗଲେ ଲକ୍ଷ୍ମୀପୁରାଣର ବାର୍ତ୍ତା କେବଳ ଓଡିଆ ବିବାହିତା ନାରୀର ଦଶଗଣ୍ଠିର ବ୍ରତରେ ବନ୍ଧାପଡିଛି । ଗାଁ ମନ୍ଦିର ଓ ଗାଁ କୂଅ ଏ ଦୁଇଟି ସ୍ଥାନକୁ ଅସବର୍ଣ୍ଣ ବୋଲି ବିବେଚନା କରାଯାଉଥିବା ଗୋଷ୍ଠୀର ଲୋକଙ୍କର ଅବାଧ ଚଳପ୍ରଚଳ ହୋଇନାହିଁ । ମନରେ ବିକାର ଶରୀରେ ସତ୍କାର ନ୍ୟାୟରେ ମଣଷର ପ୍ରଗତି କ୍ଷୀପ୍ରଗତିରେ ଆଗେଇଥିବାବେଳେ ଅପରପକ୍ଷରେ ଇଶ୍ୱରଙ୍କ ଶ୍ରେଷ୍ଠ ସୃଷ୍ଟି ମଣିଷମାନଙ୍କୁ ଜାତିବାଦ ଏପରି ଭାଗ ଭାଗ କରିଦେଇଛି ଯେ ଏଠି ପ୍ରଶ୍ନ ଉଠୁଛି ସତରେ କ'ଣ ଆମେ ସଭ୍ୟ ? ତେବେ ଏହା ନିଶ୍ଚିତ ଯେ ସାମାଜିକ ସମରସତାର ଗୁରୁତ୍ୱକୁ ଆମ ସମାଜ ସହୃଦୟତାର ସହିତ ଗ୍ରହଣ କରିପାରିନାହିଁ । ବଳରାମ ଦାସଙ୍କ ସ୍ୱପ୍ନ ଆଜିବି ଅଧୁରା ଆଉ ଏହି ସ୍ୱପ୍ନ ସାକାର ପାଇଁ ଆଉ ଏକ ଆନ୍ଦୋଳନର ଆବଶ୍ୟକତା ରହିଛି । ସକଳ ଘଟେ ନାରାୟଣ ଉକ୍ତିଟି କେବଳ ବହି ବର୍ଣ୍ଣିତ କିନ୍ତୁ ପାଳିତ ହୋଇନାହିଁ । ଏହାକୁ ପାଳନ କରି ସମାଜରେ ସାମାଜିକ ସମରସତାର ଆଦୃତି ନିମନ୍ତେ ଅବିଦ୍ୟା ନୁହେଁ ସଠିକ୍ ବିଦ୍ୟାର ଆବଶ୍ୟକତା ରହିଛି ।

କମାଗଡ଼, ଅଣ୍ଟିଆ, ଯାଜପୁର



# ମହା ସମୁଦ୍ରର ବେଳାଭୂମି

ଡକ୍ଟର ଉଦ୍ଧବ ଚରଣ ନାୟକ





କବି ଶ୍ରୀ ଶମ୍ଭୁନାଥ ରାଉଳଙ୍କ କବିତା ଗ୍ରନ୍ଥ 'ମହାସମୁଦ୍ର' ପାଠ କରି ଅତ୍ୟନ୍ତ ପ୍ରୀତ ହେଲି। ମୁଁକବି ନୁହେଁ ବା କବିତା ଲେଖେ ନାହିଁ। କବିତା ପଢ଼େ। କବିତା ଶୁଣେ। ମୁଁ ଜଣେ ଗଦ୍ୟ ସାହିତ୍ୟିକ। କବି ଶ୍ରୀ ରାଉଳଙ୍କ ସମ୍ପର୍କରେ କିଛି ଲେଖିବା ବା କହିବା ପୂର୍ବରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କର ଉକ୍ତିଟି ସ୍ୱତଃ ମନେ ପଡ଼ିଯାଏ –

ରସିକ ଗ୍ରାହକ ବିନା ଜଗତେ,
କବି ଶ୍ରମ କିଏ ଜାଣିବ ଯୁଗତେ ॥

କବି ଶ୍ରୀ ରାଉଳଙ୍କର କବିତା ଗୁଡ଼ିକ ପାଠକ ମାନଙ୍କ ମନକୁ ରସସିକ୍ତ କରିବ ଏଥିରେ ସନ୍ଦେହ ନାହିଁ। କାରଣ ତାଙ୍କର ଶ୍ରମ ଏହି କବିତା ଗୁଡ଼ିକରେ ପରିସ୍ଫୁଟ। ଆଉ ଗୋଟିଏ ଉକ୍ତି ପ୍ରାଚୀନ କବିଦୀନକୃଷ୍ଣ ଦାସଙ୍କର ଏଠାରେ ମନେ ପଡ଼ିଯାଏ –

କବି ଯେ କରେ ମୂର୍ଖକୁ ସ୍ତୁତି।
ଏଥିରୁ ବଳି ନାହିଁ ବିତ୍ତି ॥

ମୁଁ କିନ୍ତୁ କବି ଦୀନକୃଷ୍ଣଙ୍କ ଏହି ଉକ୍ତିରେ ଏକମତ ନୁହେଁ। କାରଣ ମୁଁ ପଢ଼ିଛି କବି ଶ୍ରୀ ରାଉଳଙ୍କ ରଚିତ କାବ୍ୟଗ୍ରନ୍ଥ 'ମହାସମୁଦ୍ର'ରେ ଥିବା ଏକଶତ କୋଡ଼ିଏ ଗୋଟି କବିତା ସମୂହକୁ ସେ କେଉଁଠାରେ ମୂର୍ଖକୁ ସ୍ତୁତି କରିବା ଶବ୍ଦ ଦେଖିବାକୁ ପାଇନାହିଁ। ନିଜ ମନର କଥା ଚିନ୍ତା, ଚେତନା, ଅଭିଜ୍ଞତା ଓ ଅନୁଭବକୁ ନେଇ ତାଙ୍କର କବିତା ଗୁଡ଼ିକ ରସୋତୀର୍ଣ୍ଣ। ସମସ୍ତ କବିତାର ଭାବ ନିଆରା। ଦର୍ଶନ, ଚିନ୍ତା ଓ ଚେତନା ମଧ ନିଆରା। ଭାଷା ସରଳ, ସାବଲୀଳ ଓ ବୋଧଗମ୍ୟ। ପାଠକଲା ସମୟରେ ପାଠକରମନକୁ ସ୍ୱତଃ ଟାଣି ନେଇଯାଏ। ଏହି କାବ୍ୟ ଗ୍ରନ୍ଥର ପ୍ରଥମ କବିତା 'ମହାସମୁଦ୍ର'। ଏହାକୁ ନେଇ ସେ କବିତା ଗ୍ରନ୍ଥର ନାମକରଣ କରିଛନ୍ତି। ଏହି କବିତାରେ ସେ ବର୍ଣ୍ଣନା କରିଛନ୍ତି ନିଜଗାଁ ନିଜ ଜନ୍ମ ମାଟିର ଅପାସୋରା ରୂପଲାବଣ୍ୟ।

ମନେପଡ଼େ ଏଇମାତ୍ର
ଛାଡ଼ି ଆସିଥିବା ସବୁଜ ସେ ଗାଁ କ୍ଷେତ,
ମାଟି ଗନ୍ଧ ପାହାନ୍ତା ପହରେ

କାହାର ସେ ବଂଶୀ ସ୍ୱନ ବିରହର
ଯନ୍ତ୍ରଣା ନା ଆବେଗର ତା'ର
× × × ×
ମୁଁ ଭୁଲିନି ସହୃଦୟ ବନ୍ଧୁମାନଙ୍କର
ଚପଳାମି ଉଦ୍‌ବେଳିତ ଯୌବନର
ଖସଡ଼ା ପଥକୁ କିମ୍ବା ଅକସ୍ମାତ
ରାସ୍ତା କାଟି ଚାଲି ଯାଇଥିବା କେଉଁ
ଅନାମିକା ଅନୁଢ଼ାର ଭଲ ପାଇବାକୁ ।।

କବି ଶ୍ରୀ ରାଉଳଙ୍କ କବିତା ଗୁଡ଼ିକ ମଧ୍ୟରେ ପରଦେଶ, ପଡ଼ୋଶୀ, ଦୌଡ଼, ଅବସୋସ,ଅନ୍ତରଙ୍ଗ ହସ, ହୃଦୟର କଥା, ଅବସର, ସୂର୍ଯ୍ୟାସ୍ତ, ଅଭିନୟ, ସ୍ୱପ୍ନ, ପ୍ରତିବନ୍ଧକ, ଇର୍ଷା, ଅପରାହ୍ନ,ସବୁଜ ସକାଳ, ଭ୍ରଷ୍ଟାଚାର, ଘର, ଏକୁଟିଆ, ଅନ୍ତିମ ପୃଷ୍ଠା, ମହାଶୂନ୍ୟ, କଲୋନୀ ଓ ବାଲ୍‌କୋନି ଆଦି ମନନଶୀଳ କବିତା ଭାବରେ ପାଠକ ମନକୁ ରସାଣିତ କରେ । ଏତଦ୍ ବ୍ୟତୀତ ଏହି କବିତା ଗ୍ରନ୍ଥରେ ଭରି ରହିଛି ଧର୍ମ, ପ୍ରେମ, ସମାଜ ଜୀବନର କଥା । ଈଶ୍ୱର, ତ୍ରାଣକର୍ତ୍ତା, ଦିବ୍ୟଜ୍ୟୋତି, ଅମୃତମୟ, ନନ୍ଦିଘୋଷ, ମେଘନାଦ ପାଚେରୀ ଓ ବିଶ୍ୱରୂ ଆଦି ଧର୍ମ ଓ ଆଧ୍ୟାତ୍ମୀକ ବିଚାରଧାରାର କବିତା ଯାହାକି ପାଠକ ମନକୁ ଅପହରଣ କରିନେଇଥାଏ ସେହି ଦିବ୍ୟାତ୍ମାଙ୍କ ସ୍ୱରୂପ ଦର୍ଶନ ନିମନ୍ତେ । ତାଙ୍କର ସାମାଜିକ କବିତାଗୁଡ଼ିକ ମଧ୍ୟରେ ଅର୍ଦ୍ଧାଙ୍ଗିନୀ, ଲକ୍ଷ୍ମୀପାଦ ଆଦିର ଭାବ ବିହ୍ୱଳତାକୁ ଭୁଲିବାର ନୁହେଁ ଥରେ ମାତ୍ର ପାଠକର ଏହି କବିତାଗୁଡ଼ିକୁ ।

କବିତା ଗୁଡ଼ିକରେ କବିଙ୍କର ଯାନ୍ତ୍ରୀକ ମନର ତାନ୍ତ୍ରୀକ ଉଚ୍ଛ୍ୱାସରେ ଭରପୂର । ତାଙ୍କର ଉଚ୍ଛ୍ୱାସ ସର୍ବଦା ଉଚ୍ଛ୍ୱସିତ ହୋଇ ରହିଥିବା ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ବିଶେଷ କଥା ହେଲା, କବି ଶମ୍ଭୁନାଥ ରାଉଳ ସ୍ୱରଚିତ କବିତା ଗୁଡ଼ିକର ଅନେକ ସ୍ଥାନରେ ଇଂରେଜୀ ଶବ୍ଦର ବ୍ୟବହାର କରିଛନ୍ତି ।

ଏହାକୁ ଅପବ୍ୟବହାର କୁହାଯାଇନପାରେ । ସେ ବ୍ୟବହାର କରିଥିବା ବାଲ୍‌କୋନୀ, କଲୋନୀ ଓ କ୍ରିକେଟ ଆଦି ବହୁ ଇଂରେଜୀ ଶବ୍ଦ ପ୍ରାନ୍ତୀୟ ଭାଷାମାନଙ୍କରେ ମିଶିଗଲାଣି । ଆଜି ନୁହେଁ ଏହା ଫକୀର ମୋହନଙ୍କ ସମୟରୁ, ନହେଲେ କି ବ୍ୟାସ କବି ତାଙ୍କର ଅତ୍ୟନ୍ତ ଲୋକପ୍ରିୟ ସଂସ୍କାରମୂଳକ ଗଳ୍ପର ନାମକରଣ 'ପେଟେଣ୍ଟ ମେଡ଼ିସିନ' ବୋଲି କରିନଥାନ୍ତେ । 'ଡାକ୍‌ମୁନ୍‌ସୀ' ପରି ଏକ ବିଦେଶୀ ଶବ୍ଦକୁ ନେଇ ଭିନ୍ନ ଏକ ସାମାଜିକ ଗଳ୍ପ 'ଡାକ-ମୁନ୍‌ସୀ' ରଚନା କରିନଥାନ୍ତେ ।

ଯାହା ହେଉ କବି ଶମ୍ଭୁନାଥ ରାଉଳ ଯଥାର୍ଥରେ ଜଣେ କାବ୍ୟଶିଳ୍ପୀ । ଏଥିରେ ସନ୍ଦେହ ନାହିଁ । ବିଶେଷ ଉଲ୍ଲେଖନୀୟ କଥା ହେଲା, ଶ୍ରୀଯୁକ୍ତ ରାଉଳ କବିତା ରଚନା କରିବା ସମୟରେ କାହାକୁ ଅନୁକରଣ କି ଅନୁସରଣ କରିନାହାନ୍ତି । ତାଙ୍କର ସମସ୍ତ କବିତା ନିଜସ୍ୱ ଓ ମୌଳିକ । ଏଥିଇଁ ସେ ଧନ୍ୟବାଦାର୍ହ ।

ପରିଶେଷରେ କବି ଶ୍ରୀଯୁକ୍ତ ରାଉଳଙ୍କୁ ମୋ ତରଫରୁ ବ୍ୟକ୍ତିଗତ ଭାବରେ ଅଜସ୍ର ଶ୍ରଦ୍ଧା, ସ୍ନେହ,

ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେ ଆହୁରି ଲେଖନ୍ତୁ, ଓଡ଼ିଆ ଭାଷା ସାହିତ୍ୟ ଓ ଆଧୁନିକ କବିତା ଯୁଗକୁ ଋଦ୍ଧିମନ୍ତ କରନ୍ତୁ, ଏହା ମୋର ଶ୍ରୀ ଜଗନ୍ନାଥଙ୍କ ପାଖରେ ଏକାନ୍ତ ପ୍ରାର୍ଥନା । ଈଶ୍ୱର ତାଙ୍କୁ ଯଶସ୍ୱୀ କରନ୍ତୁ ।

ସାଇଦିଗ୍‌ବଳୟ, ଇ – ୧୯୨
ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ
ଭୁବନେଶ୍ୱର –୦୩
ମୋ: ୯୪୩୮୨୯୯୧୭୪

# ପଦ୍ୟ ବିଭାଗ



ଅନୁସ୍ୱର
ମାସିକ ଇ-ପତ୍ରିକା

# ନୂଆବର୍ଷ-୨୦୨୬

ବିନୋଦିନୀ ଗଉଡ଼



କୁହୁଡି ମେଘର ଚାଦର ଫାଙ୍କରୁ
ଧିରେଧିରେ ମୁହଁ କାଢି
ନୂଆ ସକାଳର ନୂଆ ସୂରୁଜଟି
ଆଲୋକ ଦେଉଛି ବୁଣି।
ଶିଶିରସ୍ନାତା ଏ ଶୀତ ସକାଳରେ
କିଏ ଆସେ ଥିରିଥିରି
ଝରା ଶେଫାଳୀର ସ୍ନିଗ୍ଧ ପାଖୁଡ଼ାରେ
ମୁଠାଏ ପୁଲକ ଭରି।
ବିଦାୟୀ ଲଗ୍ନରେ ବରଷ ପଚିଶି
ସ୍ମୃତି ଇତିହାସ ହୋଇ
ଆସୁଛି ଛବିଶି ନୂଆ ସମ୍ଭାବନା
ନୂଆ ସ୍ୱପ୍ନ ସାଥେ ନେଇ।
ବିତିଯାଏ ବର୍ଷ ନୂଆ ଆଣେ ହର୍ଷ
ମନ ଆହ୍ଲାଦିତ କରି
ଜୀବନ ଚଢ଼ଇ ନୂଆ ସୋପାନକୁ
ପଛର ପାହାଚ ଛାଡି।
ଛବିଶି ମସିହା ସୂର୍ଯ୍ୟଙ୍କର ବର୍ଷ
ଶକ୍ତିର ଆଧାର ସେଇ
ସବୁରି ଜୀବନ ଉଜ୍ଜ୍ୱଳ,ସଜଳ
ମୋହର ପ୍ରାର୍ଥନା ଏଇ।
ସବୁଜ ଗାଲିଚା କାକର ଅକ୍ଷରେ
ସ୍ୱାଗତର ଗୀତି ଲେଖି
ନୂଆବର୍ଷ ପାଇଁ ଶୁଭେଚ୍ଛା ଜଣାଏ
ପ୍ରଣମି ଜଗତ ପତି।



କ୍ୱାଟର୍ ନଂ – ସି,୧-୧ / ୧,
ନ୍ୟୁ-ଗଭରନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫


# କବିର୍ ଘର୍‌କରା

କୋଶ୍‌ଲୀ କବିତା
ପ୍ରଫୁଲ୍ଲ କୁମାର ତ୍ରିପାଠୀ



ସାରା ଦୁନିଆକେ ଉପଦେଶ୍ ଦେଇ
ନାଇଁହୁଏ ସେ ଅଥା
ନିଜେ କେଭେ ଭିଲ୍ ମାନି ନାଇଁପାରେ
ନିଜର୍ କହେଲା କଥା ।

ଇନୁ ସେନୁ ଚିଂତା,ଭାବ୍‌ନା ଠୁଲେଇ
ଭାବ୍‌ସି  ଆଏ ମାହାଜ୍ଞାନୀ
ଘରେ ରହିଥିଲେ ଶୋଷ୍ କଲେ ଭିଲ୍
ନାଇଁଆନେ ଗିଲାସେ ପାନି ।



'ପାଏନ୍ ଗଢ଼େ ଦେ' କହେସି ଯାହାକେ
ଦିନ୍‌କ ଛ'ଆଠ୍ ଥର୍
ଧଏନ୍ ସେ ସିଆନୀ ଇନ୍‌ତା ଲୁକର୍
ସଁଭ୍‌ଲାସି ଏଡ଼େ ଘର୍ ।

ଘରର୍ ଗୁସିଆଁ କେଭେ ନାଇଁକରେ
କେନ୍‌ସି ଗୁଟେ ଭିଲ୍ କାମ୍
ଇଠାନ୍ ସେଠାନ୍ ବୁଲି କବିତା ଶୁନେଇ
ଅର୍ଜନ୍ କରୁଥିସି ସୁନାମ୍ ।

ଜୀବ୍‌ନେ ନାଇଁଥାଏ ଛଂଦ୍, ଯତିପାତ୍
କି ଅଂତ୍ୟାକ୍ଷରର୍ ମେଲ୍
କବି ଭାବେଁ ସେ 'ପାସ୍' କଲେଁ ମିଶେ
ମୁନୁଷ୍ ଭାବେଁ ହେସି 'ଫେଲ୍' ।

କଟକ

# ଅସମାହିତ

ପ୍ରଫେସର ବୀଣାପାଣି ତ୍ରିପାଠୀ



କାହିଁକି ବୁଝିହୁଏନା ତାଙ୍କୁ
ଅଥବା ତାଙ୍କର ରହସ୍ୟମୟ ସ୍ଥିତି
ଓ ଅତ୍ୟନ୍ତ ରହସ୍ୟମୟ
ତାଙ୍କର ଖେଳା ଲୀଳା
ଯଦି ବୁଝିହୁଅନ୍ତା ଅବା ବୁଝିପାରୁଥାନ୍ତି
କାହିଁକି ଲୁହବି ତିଆରି ହୋଇପାରେନି
ଆଉ ଆଖି କୋଣରେ
କେମିତି ଅଚାନକ ପଥର ପାଲଟିଯାଏ
ଗୋଟେ ଲୁତ ପୁତ ହୃଦୟ
ଯଦି ଦେଇହୁଅନ୍ତା ଅବା ଦେଇ ଦିଅନ୍ତି
ମୋର ତମାମ ଆୟୁଷ
ସେଇ ପଣତରେ,
ହେଲେ ଏସବୁ କିଛି ହୁଏନି
ଗତ୍ୟା ନ୍ତର  ନଥିବା ପରି
ନିଜ ସ୍ପନ୍ଦନ ନିଜେ ଶୁଣି ଶୁଣି
ବଞ୍ଚି ରହିହୁଏ କ୍ଷଣେ, ଆଉ କ୍ଷଣେ
କ୍ଷଣଭଙ୍ଗୁର ସବୁ ଜାଣିବି
ଅଟକେଇବାକୁ ଇଚ୍ଛା ହୁଏ ସମୟ
ସମୟ ଚାଲିଥାଏ ତା ବାଟରେ
ଶୂନ୍ୟରେ ମହାଶୂନ୍ୟରେ
କିଛି ଗୋଟେ ଟିକ୍ ଟି କ୍ କରୁଥାଏ
ଶୂନ୍ୟ ଶବ୍ଦ ନିନାଦରେ
ଏଠି ସମାହିତ କିଛି ନୁହେଁ
ଆଉ ଟିକେ ଆଉ ଟିକେ
ମୁଁ ନିଃଶେଷ ହେଉଥାଏ
ମୁହୂର୍ତ୍ତରେ ମୁହୂର୍ତ୍ତରେ... ।



ମଧୁବନ, ଢେଙ୍କାନାଳ

# ବିନିମୟ

ଗଜାନନ ମିଶ୍ର



ଯିବ କେଉଁଆଡକୁ?
କୋଉଠି ରାସ୍ତା?
ଚାରିଆଡେ ଜଙ୍ଗଲ,
ହିଂସ୍ର ଜନ୍ତୁମୟ।
ନେବାକୁ ଟାଣି ଓଟାରି
ପ୍ରାଣ ସମସ୍ତେ ତୟାର।

ସତଅସତ ଭଲଅଭଲ
ଫେଣ୍ଟିହେଲାବେଳେ ଚତୁରତାରେ
କି ଲାଭ କାହାର!
ଦେଖି ବୁଝି ଜାଣି କିଏ
ଯାଉଛି କାହିଁ!
ବିନିମୟ ହେଲାବେଳେ ଭାବ
ପଡୁଛି ଫିକା ସବୁ
ସବୁ ଉତ୍ସାହ ସବୁ ଉତ୍ସବ।
କୋଉଠିକୁ କିଏ ଯାଇ
କେମିତି ରହିବ?



ତପୋବନ, ଟିଟିଲାଗଡ଼, ବଲାଙ୍ଗିର
ମୋ : ୯୪୩୭୩୬୬୬୪୪

# ଆତ୍ମବିଭୋର

ସରୋଜ କୁମାର ଶତପଥୀ



ମୋ ବାଲ୍‌କୋନୀ ବଗିଚାରେ
ଦେଖ ଆଜି ଫୁଲଟେ ଫୁଟିଛି
ଜାଣେ ନା ମୁଁ, ତମେ କିଏ
ତମ ପାଇଁ କବିତା ଲେଖୁଛି ।

ବହୁ ଦିନ ପରେ ଆଜି
ତୁମକୁ ଦେଖିଲା ପରେ
ଲେଖୁଛି କବିତା
ତୁମ ସୁବାସରେ ଆଜି
ଦେଖ କେତେ ମହକୁଛି
ମୋ' ମନର ବଗିଚା ।

କେବେ ଠାରୁ ଯାଇଛି ଲିଭି
ମୋ ମନ ତଳର ନିଆଁ
ବରଫର ଗୁମ୍ଫାତଳେ
ଜାଣେନା ମୁଁ ଉଠୁଛି ଏ
କେଉଁ ନିଆଁର ଧୂଆଁ ।

ପ୍ରେମର କବିତା ଏ ନୁହେଁ
ପ୍ରେମ ମୋର ଆୟତ୍ତ ବାହାରେ
ତୁମକୁ ଦେଖିଲାପରେ
ଲେଖୁଛି ମୁଁ ହୃଦୟର ଭାବ
ତୁମ ବାସେ ହଜିଗଲା ପରେ ।



ସମ୍ପାଦକ, ଅନୁସ୍ୱାର
ମୋ : ୯୯୩୭୧୨୮୫୪୭

# ଆତ୍ମୀୟ

ଯୋଗେଶ ଚନ୍ଦ୍ର ମିଶ୍ର



ପଥହୁଡ଼ି ପୁଣିଥରେ
ଫେରିବାକୁ ଇଚ୍ଛା ହୁଏ
ସବୁକିଛି ସାଉଁଟି ନେବାକୁ
ଗାଁ ଘର ଓ ଠିକଣା
ନିଜର ବୋଲି
କିଛି ହିଁ ନଥିବ
ସବୁକିଛି ଶୂନ୍‌ଶାନ୍ ଖାଁ ଖାଁ
ଏକାକୀ ଅଜଣା ରାସ୍ତାରେ
ସବୁ କିଛି ହଜେଇ ସାରିଲା ପରେ
ନା ଥିବ ଦ୍ୱନ୍ଦ୍ୱ ନା ଅବିଶ୍ୱାସ
ସବୁ ମଣିଷ ପ୍ରିୟ ଲାଗୁଥିବେ
ଯେମିତି ସବୁରି ପ୍ରିୟ ଇଶ୍ୱର ।



ସର୍ଗିଗୁଡ଼ା, ଟିଟିଲାଗଡ଼
ମୋ : ୯୭୭୭୩୭୦୧୨୩

ଅନୁସ୍ୱର
ମାସିକ ଇ-ପତ୍ରିକା

# ରଙ୍ଗ ପୀରତି - ୧୬

ବିଦ୍ୟାଧର ଗୁରୁ



ମରୁରେ ମୟୁର ନାଚେ ନାହିଁ ସଖୀ
ଲୋଡ଼ା ତାକୁ ସବୁଜିମା
ପ୍ରେମ କରିବାକୁ ହୃଦୟ ମିଳିଲେ
ଲାଗେ ସବୁ ମିଠା ମିଠା ।

ମିଠା ତୋର ହସ ଦେବୁନି ଫେରାଇ
ଅଜଣା ଲୋକର ହସେ
ସବୁ ହସରେଟି ନଥାଏ ପ୍ରେମଟି
ହସେ ଯିଏ ସିଏ ଫସେ ।



ଫସିଯିବୁ ନାହିଁ ଫୁସୁଲା କଥାରେ
ପରଖି ନେବୁ କଥାକୁ
ଖସିଗଲେ ଗୋଡ଼ କେହି ତୋର ପାଶେ
ନଥିବେ ସାହା ହେବାକୁ ।

ସାହା ହେବାପାଇଁ ନଥିବେ ତୋ ପାଶେ
ପ୍ରେମରେ ଖାଇଲେ ଧୋକା
ଜିତିବା ଲୋକର ପାଖରେ ସଭିଏଁ
ହାରିବା ଲୋକଟି ଏକା ।

ହାରିଯିବୁ ନାହିଁ କପଟୀଙ୍କ ପାଶେ
ନିଜ କାର୍ଯ୍ୟେ ରଖି ମନ
କପଟିଆଙ୍କର କପଟରେ ମନ
କର୍ମରେ ନଥାଏ ଧ୍ୟାନ ।

ସୁନ୍ଦରପଦା, ଭୁବନେଶ୍ୱର

# ଆଖି ମୋ ପିଆଲା


ବସନ୍ତ କୁମାର ଦାସ



ପିଇ ମୁଁ ଜାଣିନି ହେଲେ ନିଶାରେ ମାତାଲ୍
ଆଖି ମୋ ପିଆଲା ଛାତି ସରାବ ବୋତଲ ।।

ଦୁନିଆ କହୁଛି ନିଶାରେ ଚାଲୁଛି
ବେହୋସ୍ ହେଲାଣି ଭୁଲିବାକୁ କିଛି ।
ମିଛରେ ମିଛରେ ଅପବାଦ ସହି
ଚାଲେ ସିନା କ୍ଳାନ୍ତ ପାଦ ହୁଏ ଟଳମଳ ,
ପିଇ ମୁଁ ଜାଣିନି ହେଲେ ନିଶାରେ ମାତାଲ୍ ।।

ଥରେ ବି ଖୋଲିନି ହୃଦୟ ଦୁଆର
ମୋ କଥାକୁ ନେଇ ଏତେ କୋଳାହଳ ।
ଖୋଲିଦେଲେ ଥରେ ମୋ କଥାର ପେଡ଼ି
ସରମେ ମରିବ ମିଛ ହାଟର ମାହୋଲ,
ପିଇ ମୁଁ ଜାଣିନି ହେଲେ ନିଶାରେ ମାତାଲ୍ ।।



ବରମୁଣ୍ଡା ଗ୍ରାମ, ଭୁବନେଶ୍ୱର
ମୋ: ୭୦୦୮୬୯୩୯୦୩

# ନୂଆବର୍ଷ

ସଚି ବେହେରା



ସମୟ ଚକ୍ରରେ ଆଉ ଥରେ ଫେରେ
ନୂଆ ସମ୍ଭାବନା ନେଇ
ଦାଣ୍ଡ ଦୁଆରେ ତା ପାଦ ଚିହ୍ନ କହେ
ସମୟର ଶେଷ ନାହିଁ।

ଆରମ୍ଭ ଯେଉଁଠି ଶେଷ ତ ସେଇଠି
ନାହିଁ ତାର ଆଦି ଅନ୍ତ
ଆଖି ପଲକରୁ ଅପସରି ଯାଏ
ସମୟର ଚଲାପଥ।

ଦିନ ବାର ଅବା ତାରିଖ ବଦଳେ
ନିୟତି ବଦଳେ ନାହିଁ
ଆଜି ଯାହା ନୂଆ କାଲିକି ପୁରୁଣା
ସ୍ମୃତି ଏକା ଚିର ସ୍ଥାୟୀ।



ଯୁଗ୍ମ ନିର୍ଦ୍ଦେଶକ, ଟ୍ରେଜେରୀ ନିର୍ଦ୍ଦେଶାଳୟ
ଭୁବନେଶ୍ୱର
ମୋ-୯୦୯୦୧ ୭୫୨୭୦

# କେହି ବୁଝେନାହିଁ

ଅପରାଜିତା



ଆଖିର ବେଦନା ଲୁହ ବୁଝେ ନାହିଁ
ଛାତିର ବେଦନା କୋହ
କବିତା ବୁଝେନି କବିର ହୃଦୟ
ଦୁନିଆ ବୁଝେନା ମୋହ ।

ପ୍ରେମ ବୁଝେନାହିଁ ସମାଜର ରୀତି
ଆଲୁଅ ବୁଝେନା ରାତି
ଦେହ ବୁଝେ ନାହିଁ ଦହନର କଥା
ନିଆଁ ବୁଝେ ନାହିଁ ତାତି ।



ମନ୍ଦିର ତ କେବେ ବୁଝି ପାରେ ନାହିଁ
ଦୀପର ଜଳନ କେତେ
ଜୁଇ ଜଳିଗଲେ ମଶାଣି ବୁଝେନି
ପାଉଁଶର ମୂଲ କେତେ ।

ମନ ଦେଲି ଯାକୁ ବୁଝି ପାରିଲାନି
ମୋ ମନର ଆଶା ଯେତେ
ତ୍ରୟୋଦଶୀ ଜହ୍ନ ବୁଝି ପାରେ ନାହିଁ
ଜୋଛନା ହଜିଲା କେତେ ।

ଉପବିଭାଗ ଅଧିକାରୀ,
ଟ୍ରେଜେରୀ ନିର୍ଦ୍ଧେଶାଳୟ ଭୁବନେଶ୍ୱର
ଫୋନ୍ ନଂ -୮୦୧୮୫୬୪୯୨୭

# ମଧୁ ମଳୟ

ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ



ମଧୁରେ ମଧୁରେ
ଫଗୁଣ ମଧୁରେ
ଛୁଇଁ ଯାଏ ମୋର ମନ,
ମଳୟ ପରଷେ
ତନୁ ମନ ହସେ
ଚଳ ଚଞ୍ଚଳ ମୋ ତନ।

କେମିତି କହିବି, କିପରି ସହିବି
ମଧୁବନେ କୋକିଳଟା
ଯେମିତି ଆସିଛି ଫଗୁଣ ପସିଛି
ବିକଳ ତାର ସ୍ୱରଟା
କେତେ ଲହରେଇ ଡାକେ ସୁରଦେଇ
ତନୁକୁ କରେ ସୁମନ।



ଦିନ ସରିଯାଏ ସ୍ୱର ଶୁଣି ଶୁଣି
ରାତି ହୁଏ ଅସରନ୍ତି
ଅପେକ୍ଷା ନସରେ ରାତି ସରିଯାଏ
ଆସିଯାଏ ସେ ପାହାନ୍ତି
ସୁଲୁସୁଲୁ ହୋଇ ମଳୟ ଆସଇ
କହେ କିଛି ଶୁଣେ କାନ।

ବରମୁଣ୍ଡା ହା. ବୋ. କଲୋନୀ
ଭୁବନେଶ୍ୱର
ମୋ - ୯୪୩୭୨୭୯୧୬୨

# ଶିଶିର

ପ୍ରତିମା ମିଶ୍ର



ଶିଶିର
ଶ୍ୱେତ ବିନ୍ଦୁ ସମ ମୋତିରମାଳ
ଶୋହେ କାନ୍ତି ଉଷା ଗଳାର ହାର
ନଭ ମୁଲକରୁ ପଡୁଛି ଝରି
ପ୍ରତିରୁପ ସେ ପୟୋଧି ବାରି
ପତ୍ରଫୁଲଫଳଡାଳେ
ଝଲକି ଉଠୁଛି ଦୁର୍ବାଦଳ ପରେ
ନୟନେ ପୀୟୁଷ ଢାଳେ।



ଶିଶିର
ସ୍ୱଚ୍ଛ ନିର୍ମଳ ହିମତନୁତୋହର
କଳୁଷିତ ହୀନ ଜୀବନ କାଳ
କୁହୁଡ଼ି ପଣତ ଜାଡ ର ମାୟା
ରାତିକ ପାଇଁ ତୁ ଧରିଛୁ କାୟା
ବାର ବାର କାନେ କହେ
କର୍ମ ବଚନରେ ଏକ ହୋଇ ମୁଁ
ଜୀବନ ରଥକୁ ବାହେ।

ଶିଶିର
ଭିଜା ସକାଳର ଧୀର ପବନ
ଶାନ୍ତ କରଦିଏ ଅଥୟ ମନ
ଅଳପ ଆୟୁଷ ଅଟେ ତୋହର
ସୂରୁଜ ଛୁଇଁଲେ ଯିବୁ ସେ ପୁର
ତୋ ପରି ରୁପଧରି
ଅନ୍ତର ବାହାର କରି ଏକାକାର
ଭବ ସାଗରୁ ହୋଇବି ପାରି।

ସୃଷ୍ଟି ନିଳୟ, ଡୁମ୍‌ଡୁମା, ଭୁବନେଶ୍ୱର
ମୋ : ୬୩୭୦୪୪୧୦୬୧

# ନୀଳାଚଳ ଦର୍ଶନ

କମଳିନୀ ଦେବୀ



ଜୀବନରେ ଥିବି ଯେବେ ଯିବି ନୀଳାଚଳ
ଦର୍ଶନ କରିବି ଯାଇ ବ୍ରହ୍ମାଣ୍ଡ ଠାକୁର ।।

ସିଏ ବ୍ରହ୍ମା,ସିଏ ବିଷ୍ଣୁ ବରଦାତା ହର
ଦୁଃଖ ସୁଖ ଜଣାଇବି ମୋ ପାପ ପୁଣ୍ୟର ।।

ଶଙ୍ଖ କ୍ଷେତ୍ରେ ନୀଳଶୈଳେ ବିରାଜିତ ସିଏ
ଦାରୁବ୍ରହ୍ମ ରୂପରେ ଏ ଜଗତକୁ ମୋହେ ।।

ଶବରୀ ଅଇଁଠା ଖିଆ ଏହି ସେ କାଳିଆ
ବୃନ୍ଦାବନେ ଧେନୁ ଚରା ଶ୍ରୀ ବନମାଳୀଆ ।।

ବ୍ରଜବାଳୀ ହୃଦଚୋରା ରାଧିକା ବଲ୍ଲଭ
ବସିଅଛି ନୀଳାଚଳେ ସେ ନୀଳମାଧବ ।।



ଛପନ ପ୍ରକାର ଭୋଗ ଭୁଞ୍ଜାଇ ସେ ବସି
ଆନନ୍ଦ ବଜାରେ ଦିଏ ଆନନ୍ଦ ପରସି ।।

ଭୁଲି ସିଏ ଗୋପପୁର ଭୁଲିଲା ଗିରି କନ୍ଦର
ଭୁଲିଛି ନନ୍ଦ, ଯଶୋଦା ସଖା ମଧୁ ମଙ୍ଗଳ ।।

ବଡ଼ ଦେଉଳରେ ବସି ବିଶ୍ୱା ଶବର ଭୁଲିଛି
ରତ୍ନ ସିଂହାସନ ସୁଖ ପାରୁନି ମନୁ ମୁରୁଛି ।।

ଦୁଇ ବାହୁ ଟେକି ଡାକେ ଭକତ ଜନେ ସେ
ପତିତପାବନ ବାନା ଉଡ଼ାଇ ଟାଣେ ସେ ।।

ସମ୍ପାଦିକା
ସ୍ୱୟଂପ୍ରଭା ଲେଖିକା ସଂସଦ, ବରଗଡ଼
ମୋ - ୮୨୪୯୮୭୧୭୩୨

# ଶବ୍ଦର କଢ଼ି

ଅଞ୍ଜଳି ଆଚାର୍ଯ୍ୟ



ଶବ୍ଦର କଢି !
ମନ ଭିତରେ ଫୁଟୁଥାଏ,
ଫୁଟି ଚାଲିଥାଏ ନିରନ୍ତର ।
ସେ ଫୁଲ ହେବ ,ଫଳବି ହେବ ।
ସବୁତକ ଆଶା ଓ ପ୍ରତ୍ୟାଶା ।



ଶବ୍ଦର କଢି !
ଆଇମା'ର କରାଟରେ
ଚାରଣି,ଆଠଣି, ଏପରିକି
ଅଚଳ ଦଶ ପଇସି ଓ
ପାଞ୍ଚ ପଇସିରେ ଭର୍ତ୍ତି ।
ସୃଷ୍ଟି ର ଆରମ୍ଭ ଦିନରୁ
ଦିନରାତି ଝଣ ଝଣ କରନ୍ତି ।
କହିଲେ ବି ବାହାରକୁ ବାହାରିବେ ନାହିଁ ।
ଅଥଚ ବାହାରିବାକୁ ଖାଲି ତର ତର ।
କେତେ ଜଟିଳ ତାଙ୍କ ସଂସାର ।

ଶବ୍ଦର କଢି ! ଫୁଲ ହେବ
ଫଳ ବି ହେବ ମଞ୍ଜିରୁ
ତା ନୂଆଁ କଢି ବି ହେବ ।
ସବୁ ଖାଲି ଆଶାରେ
ସ୍ୱପ୍ନର ବସା ଘରେ ।

ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର
ମୋ : ୭୮୯୪୨ ୩୫୪୦୦

# ନବବର୍ଷ

ଶ୍ରୀମତୀ ରୀତା ମିଶ୍ର





ନବବର୍ଷ ତୁମେ ହସିହସି ଆସ
ପ୍ରୀତିର ଦୀପାଳି ଜାଳି
ପ୍ରାଚୀ ଗଗନରେ ସୁନେଲି ସମ୍ଭାରେ
 ଆଶାର କିରଣ ବୋଳି।
ତୁମେ ଆସିଗଲେ ମନେ ଆସିଥାଏ
ନୂଆନୂଆ ସମ୍ଭାବନା
ନବବଧୂଟିଏ କରିଥାଏ ଯେହ୍ନେ
ଭବିଷ୍ୟତ କଳପନା ।
ତୁମେ ଆସିଥାଅ ଶୀତୁଆ ସକାଳେ
ବିନ୍ଦୁ ବିନ୍ଦୁ କାକରରେ
କୁହୁଡି ଚାଦର ଘୋଡିଥାଅ ପୁଣି
ପାହାନ୍ତି ସେ ପ୍ରହରରେ ।
ତୁମପାଇଁ କେତେ ସାଜସଜ୍ଜା ଏଠି
କେତେ ଜନ ସମାଗମ
ତୁମରି ଆଗମେ ଉଲ୍ଲସିତ ମନ
ଉତ୍ତାଳ ତରଙ୍ଗ ସମ ।
ତୁମପାଇଁ ସବୁ ପ୍ରିୟପରିଜନ
ଏକତ୍ରିତ ସରାଗରେ
କେତେ ବଣଭୋଜି ହୋଇଥାଏ ପୁଣି
ଦିନବିତେ ଆନନ୍ଦରେ ।

ତୁମେ ଦେଇଥାଅ ନୂତନ ବାରତା
ମଥାଟେକି ହୁଅ ଠିଆ
ତୁମପାଇଁ ସିନା ନୂତନତା ଆସେ
ବଞ୍ଚିବାର ନୂଆ ରାହା ।
ବିଗତ ବର୍ଷର ଯେତେସବୁ ଦୁଃଖ
ମନୁ ତୁମେ ପୋଛିଦିଅ
ନୂତନ ବର୍ଷର ନବ ଉନ୍ମାଦନା
ପ୍ରତିପ୍ରାଣେ ଭରିଦିଅ ।
ଝୁମିଝୁମି ତୁମେ ଆସ ନବବର୍ଷ ତୁମେ
ଜାଳିଦିଅ ପ୍ରେମଜ୍ୟୋତି
ନୂତନ ଆଲୋକ ବିଛୁରିତ କର
ହଟିଯାଉ ଅମାରାତି।
ହେ ନବ ବରଷ ! ଢାଳହେ ଆଶିଷ
ଶୁଭ ଏଇ ଲଗନରେ
ଶାନ୍ତି ଓ ମୈତ୍ରୀର କେତନ ଉଡାଅ
ଘରେଘରେ ପୂରେପୂରେ ।

ଶାସ୍ତ୍ରୀନଗର, ଭୁବନେଶ୍ୱର

# ଆସ ଆସ ମହାମାୟୀ

ଶରତ କୁମାରୀ ମିଶ୍ର



ଆସ ଆସ ମହାମାୟୀ
ମା'ଗୋ ତୁମେ ବୀଣାପାଣି
ମରାଳ ବାହିନୀ ଶୁଭ୍ରବରଣୀ
ଆସ ମା'ଗୋ ସୁହାସିନୀ।

ତୁମ ଆଗମନେ ସ୍ୱାଗତିକା ଗାଏ
ଅଶୋକ ହସରେ ଧରା
ମଳୟ ପବନେ ଶୁଭ ସମାଚାର
ଶୁଭଇ ଜଗତସାରା।
ବସନ୍ତ ପଞ୍ଚମୀ ଶୁଭ ଅବସରେ
ଗାଏ ତୁମ ଆବାହନୀ।



ତୁମରି ଦୟାରେ ମୁର୍ଖ କାଳିଦାସ
ଲାଭ କଲେ ବିଦ୍ୟାଧନ
ବିଶ୍ୱବନ୍ଦିତ କବି ହୋଇଗଲେ
ରହିଲେ ଚିର ସ୍ମରଣ।
ଜ୍ଞାନ ଦିଅ ମାତ, ସ୍ମୃତି ଦିଅ ତୁମେ
ଦିଅ ମା କବିତା ପୁଣି।

ମମତା ମୟୁଖେ ହସିହସି ଉଠୁ
ଏଇ ଆମରି ଲପନ
ବିଦ୍ୟା ଠାରୁ ବଳି ମହତ ଧନକୁ
ଦେଇ କର ବଳିୟାନ।
ଜୀବନପଥର ସବୁ ସମସ୍ୟା ଗୋ
ଦୂର ହୋଇଯିବ ଜାଣି।
ଆସ ଆସ ମହାମାୟୀ
ମା'ଗୋ ତୁମେ ବୀଣାପାଣି

ଆଇ. ଆର୍. ସି. ଭିଲେଜ୍,
ଭୁବନେଶ୍ୱର

# ନୂଆ ସକାଳ

ସରୋଜଲକ୍ଷ୍ମୀ ମହାନ୍ତି



ଅଳସୀ ଫୁଲର ସୁନା ଗାଲିଚାରେ
ଶିଶିର ଅଳସ ଭାଙ୍ଗୁଛି
ବିରହିଣୀ ପ୍ରାଣେ ସ୍ମୃତି ରଙ୍ଗ ଖେଳେ
ଲାଗଇ ବସନ୍ତ ଫେରିଛି
ସକାଳଟା ଲାଗେ ଭାରି ମତୁଆଲା
ମଧୁପ ଫୁଲକୁ ଚୁମୁଛି
ଆମ୍ବ ବଉଳର ମଧୁ ମହକରେ
କୋଇଲି ବିତାନରେ ଗାଉଛି
ଗେଣ୍ଡୁ କୁସୁମ ର ତୁନି ତୁନି କଥା
ମଳୟ ଗୋପନେ ଶୁଣୁଛି
ନୂଆ କିଶୋରୀ ଟି ମନତଳ କଥା
ଚିଠି ଲେଖି ପୁଣି ଚିରୁଛି
ନୂଆଁଣିଆ ଚାଳ ମାଟି କାନ୍ଥ ପରେ
ଝୋଟି ଚିତା ଲେଖା ହୋଇଛି
ସାରା ଜଗତର ମଂଗଳ ମନାସି
ଲକ୍ଷ୍ମୀ ମା, ପୂଜା ଚାଲିଛି
ସକାଳ ଟା ଏଠି ଭାରି ମତୁଆଲା
ରାତି ଶହେ ଦୀପ ଜାଳୁଛି
ଦେବାରେ ଥାଏଯା ଆନନ୍ଦ ସାଥିରେ
ନେବାଟାକୁ ଭୁଲି ବସିଛି
ସମ୍ପର୍କର ମୋତି ନିରିମାଖି ତାରା
ଜହ୍ନର ଯୋଜନା ଖୋଜୁଛି
ମହକ ନଥିବା କାଗଜ ଫୁଲ ଟି
ନୂଆ ପରଶରେ ହସୁଛି।



ନନ୍ଦନବିହାର, ଭୁବନେଶ୍ୱର

# କାହିଁକି ?

ମଧୁସ୍ମିତା ମହାପାତ୍ର



ଝଡ଼ ଖାଲି ବୋହେ ନାହିଁ
ମରୁର ଉତ୍ତପ୍ତବାଲିରେ
ଝଡ଼ କେବେ ଆସେ ନାହିଁ
ଲଘୁଚାପ ବଳୟ ମଧ୍ୟରେ
ଝଡ଼ ମଧ୍ୟ ବୋହିଥାଏ
ନୀରିହ ଜୀବନରେ...
ଝଡ଼ଟା ବି ଭାରି ଜିଦିଖୋର୍
ଆସେ ତା ପାଖକୁ ଯିଏ ତାକୁ
ମୁଣ୍ଡପାତି ସହିପାରେ...
କାହିଁକି ସିଏ ହୁଏ ଏତେ ନିର୍ଦ୍ଦୟ
କାହିଁକି ତାକୁ ସବୁବେଳେ କରେ ଶୂନ୍ୟ...
ମନର ଆବେଗ ମାପିବାକୁ
ହୁଏ କାହିଁକି କୁଣ୍ଠିତ
ଆଖିର ବୈତରଣୀକୁ
ବୋହିବା ପାଇଁ କାହିଁ କରେ ଆକଟ....
ନିରୀହ ଜୀବନ ଟା  ତା'ର କାହିଁକି
ପିଏ ଅପମାନର ଗରଳ....
ତା'ର କଣ ନାହିଁ ସ୍ୱାଭିମାନରେ
ବଞ୍ଚିବାର ଅଧିକାର ?
ତା' ମନରେ କାହିଁକି
ଅସମାହିତ ପ୍ରଶ୍ନଗୁଡା
କାଳସର୍ପ ପରି ପ୍ରତିମୁହୂର୍ତ୍ତରେ
କରନ୍ତି ଦଂଶନ...
କାହିଁକି ତା' ସମୟ ହୁଏ  ବିଭ୍ରାନ୍ତ ?
କାହିଁକି ତା' ଅପରାହ୍ନ ସବୁବେଳେ କ୍ଲାନ୍ତ ?
ଏହି ଜୀବନ ଟା କାହିଁକି ନଗଣ୍ୟ ?
ଭରପୂର୍ ରଙ୍ଗମଞ୍ଚ ଟା ତା'ର କାହିଁକି ଶୂନ୍ୟ?
ତା' ବିଚଳିତ ମନରେ କାହିଁକି ଏତେ ଗ୍ଲାନି?
କାହିଁକି ? କାହିଁକି ? କାହିଁକି ?



ନୀଳାଦ୍ରୀ ବିହାର, ଭୁବନେଶ୍ୱର

## କବିତା

ସୁବ୍ରତା ମିଶ୍ର



କାହିଁ କେଉଁ ଦିନୁ
ସବୁଜ,ସତେଜ
ଭାବଟିଏ ବହି
ଭାବନା ରାଇଜୁ -
ମୋର ଅସ୍ଥିମଜ୍ଜା ଆଉ
ଶିରା ପ୍ରଶିରା ପ୍ରସରି,
ଜାବୁଡ଼ି ଧରିଥିଲା
ଲତାଟିଏ ପରି...
ନିର୍ଜନତାର ଏକ ନୀରବ,
ନିସ୍ତବ୍ଧ ନିଶୀଥରୁ
ଶବ୍ଦ ସାଉଁଟି
କେବେ କେଜାଣି
କବିତାର ଧାରାଟିଏ ହୋଇ
ମୋ କଲମ ମୂନରୁ
ଅନ୍ତର୍ବେଦନାର
ସ୍ୱର ରୂପେ ଝରି-
ଏବେ ସେ ସୂର୍ଯ୍ୟାଲୋକେ
ଝଲସିଲାଣି!



ଜୟଦୁର୍ଗା ନଗର, ଭୁବନେଶ୍ୱର
ମୋ- ୮୨୪୯୮୩୨୦୯୩

# କେତେ ଭିନ୍ନ କେତେ ଅଭିନ୍ନ

ସ୍ୱାତି ମହାନ୍ତି



ଝରକା ବାଟ ଦେଇ ଦଲକାଏ ପବନ,
ତା' ସାଙ୍ଗେ ଦି ଟୋପା ଲୁହ,
ପାଚିଲା ଅଲରା କେଶକୁ
ଗୁଡେଇ ଦେଇ ଗଣ୍ଠିଟେ କଲା
ଆକାଶ ତାରା ଭିତରେ ନିଜକୁ ଦେଖୁଥିଲା
ଝିଲମିଲ୍ ଫ୍ରକ ଭିତରେ
ଗୋଲ ଗୋଲ ବୁଲୁ ଥିଲା
ଚକା ଚକା ଭଉଁରି
ମା'ବାପାଙ୍କ ଗେଲ୍ହା
ଆକାଶ ତା' ରଙ୍ଗୀନ
ତାପରେ ଚିତ୍ରପଟ ସବାରୀ ଭିତରେ ବୋହୁଟି,
ନାଲି ବନାରସୀରେ ଯେତେ ଫୁଲ ଲତା,
ତା ସ୍ୱପ୍ନ ସବୁ ସେତିକି ରଙ୍ଗୀନ...
ଏବେ ଯେଉଁ ଚିତ୍ରପଟ ତାହା ଥିଲା ସବୁଠୁ ମିଠା,
ତା' ମାତୃତ୍ୱ ଆବୋରି ଜାବୁଡି ଧରିଥିଲା
ଖୁବ ଜୋରରେ କେତେ ରଙ୍ଗୀନ...।
ଆଉ ଏବେ ଚିତ୍ରପଟ...
ଆକାଶ ଅଛି ତାରା ଅଛନ୍ତି,
କିନ୍ତୁ ବାଦଲ ଆଣି ଯାଚି ଦେଇଗଲା
ଦୁଇଟୋପା ଲୁହ...
ୟାକୁ ବି ନେଲା ସୁନ୍ଦର ଭାବେ
ଆଖି କୋଣରେ ସଜେଇଦେଲା
ଭାବୁଥିଲା କଜ୍ଜଳ ଗାର ଓ ଲୁହ ଟୋପାର
ବ୍ୟବଧାନ...
କେତେ ଭିନ୍ନ, କେତେ ଅଭିନ୍ନ.



ଜେଡ୍ ୱାନ୍ ଇଷ୍ଟେଟ୍,
ଭୁବନେଶ୍ୱର

# କନିଷ୍ଠାୀୟ

ଡକ୍ଟର ଜୟଶ୍ରୀ ନନ୍ଦ



କେମିତି କେଜାଣି
ଶିର ମୋର ସ୍କନ୍ଧଚ୍ୟୁତ
ଭୂଲୁଣ୍ଠିତ, ଛିନ୍ନଛତର
ତଥାପି ବଞ୍ଚିଲି ମୁଁ।
ହସିଲି ଖେଳିଲି କାହିଁକି ?
ମହାସମର ମହାଭାରତ
ଦେଖିପାରିବି ବୋଲି ?
ବୁଝିଲା ବେଳକୁ ଦିନ ରତରତ
ମୋ ପିଠିରେ ଲେବଲ୍
ବାଜି ସାରିଥିଲା
ବିରୋଧୀ ଗୋଷ୍ଠୀର।
ଦଶହାତ ଉଚ୍ଚରେ ବସି
ବୁଝି ମୁଁ ପାରେନା
ମାଟିତଳେ ଚାଲିଛି
କି ଖନନ କାର୍ଯ୍ୟ ?
ଯଦିଓ ପାଇଛି ଜ୍ଞାନଦୃଷ୍ଟି
ମୁଁ ଖାଲି ଦେଖୁଛି
କବନ୍ଧ ମୋ ଛଟପଟ,
ରକ୍ତାକ୍ତ, ଯନ୍ତ୍ରଣାକାତର
ହତୋତ୍ସାହ, ଭଗ୍ନ ହୃଦୟ
ମହାରଥୀ ବେଲାଳ
ଆଜି ପ୍ରଶ୍ନାତୁର... !
ଜବାବ୍ ଦିଅ ପ୍ରଭୁ !
କାହାର ବିରୋଧୀ ମୁଁ
କାହାର ସମଗୋଷ୍ଠୀ
କାହିଁକି ଦେଖିବାକୁ ବାଧ
ଆତ୍ମୀୟଙ୍କ ମୃତ୍ୟୁ...
କାହାପାଇଁ କବନ୍ଧ ମୋ ରକ୍ତାକ୍ତ
କାହିଁକି ସାଜିଛି ମୁଁ କନିଷ୍ଠ ! !



ହଂସପାଳ, ଭୁବନେଶ୍ୱର

# ରେବି

ଡକ୍ଟର ପ୍ରବୀଣା ପରିଡ଼ା



ଲୋ ରେବି ଲୋ ନିଆଁ ଲୋ ଚୁଲି
କି ପାଠ ଲୋ ତୋର ରନ୍ଧାବଢ଼ା ଶିଖ୍
କାମଦାମରେ ମନଥୋଇ
ଘର କରଣା କାହିଁ!
ବାପା ପାଖେ ଅଳି
ଗେହ୍ଲୀ ଝିଅ ସାଜି
ଖଡି ସିଲଟ ବହି ଦିଅ,
ବାସୁ ଅବଧାନେଙ୍କ ପଥ ଚାହିଁ
ସଜାଡି ବସେ ମନ ମଗଜ
ପକ୍ଷୀରାଜ ଘୋଡାର ଡେଣା ଲଗାଇ
ଉଡିବ ଆକାଶେ
ଗାଇବ ଅମୃତବାଣୀ, ରଚିବ ଗାଥା
କଷି ଚାଲିବ କେତେ ମିଶାଣ ଫେଡାଣ।
ଅକ୍ଷର  ରୂପି  ପାହାଡ଼ ଚଢି ରେବି
ଖୋଜେ ଆଜି ଅନ୍ତରୀକ୍ଷ ପଥ
ଭଲ ଭେଲ ର ନିକିତିରେ ତଉଲି
ଗଢି ଚାଲେ ଆଶାର ସଉଧ।
ବନ୍ଧନ ରୂପକ ସୈନ୍ଧବ ତୂରି
ରେବି ଗାଇଚାଲେ ସାକ୍ଷରତା ମନ୍ତ୍ର।
କାହା ପାଖେ ନେହୁରା ହେବ ନି କି
ଲିଭାଇବ ନି ସିଲଟ ଖଡିର ଦାଗ,
ତାରା ମେଳେ ଖୋଜିନେବ
ମାଆଙ୍କ ଝିଲିମିଲି ମୁହଁ
ସେ ତୋଳିବ ଅନ୍ତରୀକ୍ଷେ ପ୍ରାସାଦର ସ୍ତୁପ।
ସୃଷ୍ଟି, ସମ୍ଭାବନାର ବୀଜ ବୁଣି
ଆଙ୍କିଯିବ ଯୁଗଯୁଗାନ୍ତ ପାଇଁ



ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର୍, ଭୁବନେଶ୍ୱର୍
ଫୋନ୍ ନଂ – ୮୮୯୫୫୪୭୭୬

# ନୂଆ ବରଷ

ଶୋଭାମୟୀ ପଣ୍ଡା



କୋଟିଏ ସ୍ୱପ୍ନର ଆଶା ବାନ୍ଧି
ପାଦ ଥାପି ଥାପି ଆସେ  ନୂଆ ବରଷ
ଆଶା ଓ ଆକାଂକ୍ଷାର ପରିପୂର୍ଣ୍ଣ ଲାଗି
ମନ ଦର୍ପଣେ ଥାଏ ଅଗାଧ ବିଶ୍ୱାସ ।
ଆସ୍ଥାର ପ୍ରଦୀପ ପ୍ରଜ୍ୱଳନ କରି
ସିକ୍ତପ୍ରାଣ  ହୋଇ ଯାଏ ଉଲ୍ଲାସିତ
ନୀଳ ଆକାଶର ସୂର୍ଯ୍ୟର ସୁନେଲି କିରଣେ
ଗ୍ରାମ ଓ ସହର ଉତ୍ସବ ମୁଖରିତ ।
ସ୍ନେହ, ଶ୍ରଦ୍ଧା, ପ୍ରେମ ଭରି ଯାଉ ମନେ
ନ ରହୁ ହିଂସା, ଘୃଣା ଓ କ୍ରୋଧ
ଅନ୍ୟାୟ, ଅନିତୀ,ଦୁର୍ନୀତି ,ଦୁର୍ଗତିରେ
ପଡିଯାଉ ପୂର୍ଣ୍ଣଚ୍ଛେଦ ।
ସୁଖ ସମୃଦ୍ଧି ପାଇଁ ଧୈର୍ଯ୍ୟ ଓ ଶକ୍ତି ଚିତ୍ତେ
କରିବା ସଦା ପ୍ରୟାସ
ସଂସାର ରଥେ ଚାଲୁଥିବା ସାଥେ
ମନରେ ନ ରଖି ଦ୍ୱେଷ ।
ସ୍ୱାସ୍ଥ୍ୟ ହିଁ ସମ୍ପଦ ସ୍ୱାସ୍ଥ୍ୟ ହିଁ ଜୀବନ
ରଖିବା ସର୍ବଦା ସେଥି ପ୍ରତି ଧ୍ୟାନ
ବ୍ୟସ୍ତତା ଜୀବନେ ନ ରହୁ ମାନ ଅଭିମାନ
ସ୍ମୃତି ଥାଉ ଆମ ଶାଶ୍ୱତ ବନ୍ଦନା ।



ଭୁବନେଶ୍ୱର

# ଆହା କି ସୁନ୍ଦର ପ୍ରଭୁ ତୁମ ସୃଷ୍ଟି

ଅଜୟ କୁମାର ସେଠୀ



ଆହା କି ସୁନ୍ଦର ତୁମର ଏ ସୃଷ୍ଟି
ଆହେ ପ୍ରଭୁ ଚକ୍ରଧର
ସବୁ ଖଞ୍ଜିଅଛ ଜୀବଜଗତରେ
ନଭାବି ଆପଣା ପର।
ଫୁଲଦେହେ ଦେଇ ଅଛତ ବାସନା
ମଧୁପକୁ ବାଇ କରେ
ସେଇ ବାସନାର ମୋହେରେ ମଧୁପ
ନୂତନ ସୃଷ୍ଟି ସଂଚାରେ।
ବାଛି ବାଛି ତୁମେ ଫଳ ସାଇତିଛ
ତରୁ ଲତାର ଡାଳରେ
ସେଇ ଫଳ ଖାଇ ବଞ୍ଚି ରହିଛନ୍ତି
ଜୀବ ଜଗତ ସଂସାରେ।
ପଶୁ, ପକ୍ଷୀ ,କୀଟ, ପତଙ୍ଗଙ୍କୁ ନେଇ
ଗଢ଼ିଛ ଏଇ ଜଗତ
ସଭିଙ୍କ ପାଖରେ ଭଲ,ମନ୍ଦ ଗୁଣ
ସାଇତିଛ ଜଗନ୍ନାଥ।
ସେଥିପାଇଁ ପରା ହେ ନୀଳମାଧବ
ତୁମେତ ଜଗତ ନାଥ
ବାଟ ହୁଡିଗଲେ ସକଳ ଜନଙ୍କୁ
ଦେଖାଅ ଆଲୋକ ପଥ



ଅଞ୍ଜିରା, ନିରାକାରପୁର
ମୋ-୯୯୩୭୧୯୮୮୭୮

# ଆତ୍ମଦାହ ନା ?

ବୀରେଶ୍ୱର ମହାନ୍ତି



ଆଃ!ପ୍ରତ୍ୟୟ ହୁଏନା
ପ୍ରତ୍ୟୟ କରିବାକୁ ଇଛା ହୁଏନା
ଯେତେ ବୁଝେଇଲେ ବି ମନ ବୁଝେନା ।

କଣ ଏତେ ଅପାରଗ ଆମେ
ଅନ୍ଧ ଧୃତରାଷ୍ଟ୍ର ସମ ଜାଣିଶୁଣି...
ଚରମ ବିଫଳତାର କି ବସିଛି ବିପଣି !

ମାତ୍ର କୋଡିଏଟି ବସନ୍ତ ଫଗୁଣ
ନୟନେ ପେଛାପେଛା ସ୍ବର୍ଣ୍ଣାଭ ସପନ
ମନ କନ୍ଦରରେ ବିପୁଳ ସାହସ
ହିମବନ୍ତ ଶିଖରକୁ ଚୁମିବାର ଆଶ
ହିଲ୍ଲୋଳିତ ଅଧରରେ ଉତ୍ତାଳ ଲହରୀ
ମୁହୂର୍ତ୍ତକେ ସବୁକିଛି ଗଲା ଜଳିପୋଡି
ଜାଳିନାହିଁ ସେ ସଭିଁଙ୍କୁ ଜାଳିଛି
ସ୍ୱାଭିମାନ ପାଇଁ ଦେଇଛି ଆହୁତି
କ୍ଷଣକେ ଆଶାର ମୀନାର ଧୂଳିସାତ ହେଲା
ଅନିଳ-ଅନଳରେ ସ୍ୱପ୍ନ ନିର୍ବାପିତ ହେଲା ।



କଥା କିନ୍ତୁ ରଖିଗଲା କାଳକାଳକୁ
ଶିକ୍ଷକ ନୁହେଁ, ଶିକ୍ଷାଦେଇଛି ସଭିଁଙ୍କୁ
ମନକୁ ସନ୍ଦେହ ବେଢ଼େଇ ଧରିଛି
ଏ ନିଆଁର ଉତ୍ସ କେଉଁଠି?
କେଉଁଠୁ କେମିତି ଆସିଲା ନିଆଁ ଜୁଇର
ହଜିଗଲା ରକ୍ତ ମାଂସ ଶରୀର
ନିଆଁ ଧାସରେ ଜଳିଛି ତା ଦେହ
ଆଃ!ସେ ଆତ୍ମଦାହ ନା ଚକ୍ରବ୍ୟୂହ!

ସି – ୧୦୫, ଶୁଭମ୍ ରୟାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୬୧୫୬୭୧

# ତୃତୀୟ ନୟନ

ଶମ୍ଭୁନାଥ ରାଉଳ



ସେ ଅଦୃଶ୍ୟ ପୁଣି ଦୃଶ୍ୟମାନ
ସବୁ ଲକ୍ଷ କରନ୍ତି ଅଲକ୍ଷରେ
ସବୁ ପୁଣି ଉଦ୍‌ଭାଷିତ ହୁଏ
ଏ କାଚକେନ୍ଦୁ ପାଣି ଭଳି ସବୁ ସ୍ୱଚ୍ଛ ଦିଶେ
ପାପ ବି ଦିଶେ ପୂଣ୍ୟ ବି ଦିଶେ
ଭୁଲ ଠିକ୍ ସବୁ ଠିକ୍ ଠିକ୍ ଦିଶେ
ପ୍ରତାରଣା ପ୍ରେମ ଗୁପ୍ତ ମନ୍ତ୍ରଣା
ସମ୍ମୁଖ କି ପଶ୍ଚାତରୁ ଆକ୍ରମଣ
ସବୁ ଦେଖାଯାଏ ସିନେମାର ରିଲ୍ ପରି
ସେ ନୟନରୁ କିଛି ବାଦ ଯାଏନା
ଆବଶ୍ୟକ ସ୍ଥଳେ ପ୍ରତୀୟମାନ ହୁଏ
ତୃତୀୟ ନୟନର ଆଭିମୁଖ୍ୟ ଖୁବ ତୃପ୍ତିକାର
ଦୋଷୀ କି ପାଆନ୍ତି ଦଣ୍ଡ, କେହି ବାଦ ପଡନ୍ତି ନି
ତୃତୀୟ ନୟନର ବେଡି ବନ୍ଧନରୁ ।
ଠିକ୍ ସମୟରେ ସେ ଦୃଶ୍ୟପଟକୁ
ଆଣନ୍ତି ଚିତ୍ରଟ ମାନଚିତ୍ର
ସବୁ ରହସ୍ୟର ଉନ୍ମୋଚନ ହୁଏ
ଆଶାତୀତ ଘଟଣାର ଅବତାରଣା ଘଟେ
ସେ ତୃତୀୟ ନୟନ ସର୍ବଦା ବିଦ୍ୟମାନ
ଆମ ଭିତରେ ଆମ ଚାରି ।ଖରେ
ସମାଜରେ ସମାଜର ସବୁ କ୍ଷେତ୍ରରେ
ତୃତୀୟ ନୟନର ଉପସ୍ଥିତ୍ର ରେ
ଅବସ୍ଥିତିରେ ଏ ସଂସାର ଗତିମାନ, ବେଗମାନ
ସେ ତୃତୀୟ ନୟନର ଜୟ ହେଉ
ମୁଁ ଅନୁଭବ କରିଛି ସେ ନୟନର ଦକ୍ଷତାକୁ
ବିଶ୍ୱାସ କରିଛି ବିଶ୍ୱାସ ରଖିଛି
ପିଲାଦିନ ସ୍କୁଲ ପଡିଆରୁ
ଜୀବନର ଅନେକ ମୋଡରେ ।



ଭୁବନେଶ୍ୱର
ମୋ :୯୩୩୮୦୧୧୧୮୩

# ବିଗତ ଦିନର ସ୍ପର୍ଶ

ଧର୍ମ କୁମାର ଶତପଥୀ





ଶାନ୍ତିର ଶୁଭ୍ର କପୋତଟିଏ
ଆକାଶ ବକ୍ଷରେ ଡେଣା ପିଟିପିଟି
ଉଡିଯିବା ପରି,
ସମୟ ସୁଅରେ ସବୁ ଗଡିଯାଏ
"ବର୍ତମାନ"କୁ ଚକ୍ ଚକ୍"ଅତୀତ"ରେ
ରୂପାନ୍ତର କରି।

ଦେଖୁ ଦେଖୁ ଦିନ ସବୁ ସରିଯାଏ,
ଜୀବନର ଯେତେ ତିକ୍ତ ମଧୁର ମୁହୂର୍ତ୍ତ,
ସମୟ ସ୍ରୋତରେ ବହିଯାଏ ଶୁଖିଲା
ପତ୍ରଟେ ପରି ।

ରାସ୍ତା ପାର୍ଶ୍ୱରେ ସ୍ଥିର ମାଇଲ୍ ଖୁଣ୍ଟ ସବୁ
ଧୀରେ ଧୀରେ ରହିଯାଏ ପଛକୁ ପଛକୁ।
ଅନୁଭୂତି ସବୁ ସ୍ମୃତି ପାଲଟେ,
ମାନସ ପଟରେ ଚଳମାନ ଚିତ୍ର ପରି,
ନିଭୃତ ମୁହୂର୍ତ୍ତରେ ପୁଣି ଉଙ୍କିମାରେ
କେତେ ଭାବାବେଗ।

ଆଃ ...!!
ଫେରି ଆସନ୍ତା କି ସେଇ ହସଖୁସି ଦିନ,
ତିକ୍ତ-ମଧୁର ଉଦବେଗ,ଉଦ ବେଳନ ସବୁ
ପୁଣି ଥରେ ଉଭା ହୁଅନ୍ତେ କି
ମୋ ଚଲା ପଥରେ...
ମୁଁ ସେମାନଙ୍କୁ ଯତନେ ସାଉଁଟି ରଖନ୍ତି
ଆଦ୍ୟ ଆଷାଢ଼ର ସାଧବବୋହୁ ପରି,
ନଦୀଶଯ୍ୟାର ଚିକ୍କଣ ଉପଳ ଖଣ୍ଡ ପରି।

ନା...!!
ସେମାନେ ସବୁ ଆଉ ଆସିବେନି,
କାଳର କରାଳ ଗର୍ଭରେସେମାନେ ଗତାୟୁ,
ସ୍ମୃତିର ତରଙ୍ଗ ସବୁ ଲମ୍ଫ ମାରି
କଚାଡି ହୁଏ ମନର ସେ ବାଲୁକା
ଶଯ୍ୟାରେ।।

ଏମିତି ଅନବରତ ଉତ୍ତାଳ, ଉଦ୍ ବେଳ
କାଳିଶୀ ପରି ସତତ ଅସ୍ଥିର।
ହେ ସମୟ,ହେ ଗତାୟୁ,
ହେ ମୋ ପ୍ରିୟତମ,
ତୁମକୁ ମୋ ସତତ ପ୍ରଣାମ।।

ବୀରମହାରାଜପୁର, ସୋନପୁର

# ଇଟା ଭାଟି

ଭୁବନେଶ୍ୱର ବିଶି



ତୁ ଦାଉ ଦାଉ ଜଳୁନୁ ରେ ଇଟାଭାଟି
ତୋ ଜଳନରେ
ଫୁଟେ ମୋର ଭାତ ହାଣ୍ଡି
ତୋ ପୋଡା ଗନ୍ଧରେ
ମହକିଯାଏ ବାସି ପେଜ
ଆଉ
ଭାଜିଶାଗର ବଡି ।
ବିଲଡର ଆଉ ଠିକାଦାର
ଇଟା ଭାଟିର ମାଲିକ ମାନେ
ଶଳା ସୁତୁରା କି ସାଙ୍ଗ ସାଥି
ମୋର କିଛି ଯାଏ ଆସେ ନାହିଁ
ଓଦା ମାଟିରେ କେତେ ବାଲି
ପାଣି ଆଉ ମୋ
ପାଦ ଚକଡା ଖାଏ
ମୁଁ ହିଁ ଜାଣେ
ମାଟି ଗୋଡି ବାଲି ଚକଟି
କାଠ ଫ୍ରେ ରେ ଆକାର ଦେଇ
ମାଲିକ ପାଇଁ ନୁଆଁ ନୁଆଁ
କେତେ ସ୍ୱପ୍ନ ବୁଣେ ।



ରେଳବାଇ କଲିନୀ, ଜୟପୁର,
କୋରାପୁଟ
ମୋ : ୭୫୮୭୪୪୫୮୦୩

# ହ୍ୟାଲୋ ! ନୀଳ ଶାଢ଼ୀ

ଯଜ୍ଞଦତ୍ତ ସାମନ୍ତରାୟ



ନୀଳ ଫ୍ରକ୍, ନୀଳ ଶାଢୀ
ନୀଳ ଟିକିଲି, ନୀଳ ଚୁଡି
ଏ ମୋ କବିତା
ପାଗଳା କବି ମୁଁ
ନୀଳ ଶାଢୀ ପାଇଁ ।
ଆକାଶ ନୀଳ
ସାଗର ନୀଳ
ନୀଳ ମୋର ଶ୍ରାବଣ
ନୀଳ ମୋର ଫଗୁଣ
ମୋ ପାଇଁ ସବୁ ନୀଳ ।
ହାଲୋ ! ନୀଳ ଶାଢୀ
ଭୁଲ ବୁଝନା
ପାଗଳା କବି ମୁଁ
ନୀଳ ମୋର ଜୀବନ ।



ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ଗଣତନ୍ତ୍ର ଦିବସର ଅନୁଚିନ୍ତା

ବାସନ୍ତୀ ବାରିକ୍



ଆଠ ଦଶନ୍ଧିର ସ୍ୱାଧୀନତା ପରେ
ମନରେ ଅନେକ ପ୍ରଶ୍ନ,
ସ୍ୱାଧିନ ଦେଶର ବିଧି ବ୍ୟବସ୍ଥାରେ
ସତେକି ଆମେ ସ୍ୱାଧୀନ?

ଗଣତନ୍ତ୍ର ମନ୍ତ୍ର କ୍ଷମତା ଯନ୍ତାରେ
ଚକ୍ରବ୍ୟୁହେ ସମ୍ବିଧାନ,
ସାମ୍ୟ,ସମନ୍ୱୟ, ଶାନ୍ତି,ସଭାବନା,
ଆଜିବି ଦେଶରେ ସ୍ୱପ୍ନ।



ଶିକ୍ଷା,ସ୍ୱାସ୍ଥ୍ୟ,ଅର୍ଥ ଧ୍ୱସ୍ତ ବିପର୍ଯ୍ୟସ୍ତ
ବ୍ୟର୍ଥ ନିଯୁକ୍ତି,ପ୍ରଯୁକ୍ତି,
ହତ୍ୟା,ଆତ୍ମହତ୍ୟା, ଧର୍ଷଣ,ଶୋଷଣ
ମାତୃଜାତି ଆତ୍ମାହୁତି।

ପ୍ରଗତି ନାମରେ ଦୁର୍ନୀତି, ଦୁର୍ଗତି
ବିକାଶ ନାମେ ବିନାଶ,
ଜାତି,ଧର୍ମ ନାମେ ଜନ ବିଭାଜନ
କେଉଁଦିନ ହେବ ଶେଷ?

ଗଣତନ୍ତ୍ର ନାମେ ରଣତନ୍ତ୍ରେ ଆଜି
ଦେଶର ପଞ୍ଜରା ଥରେ,
ପୁଞ୍ଜିପତିଙ୍କର ପିଞ୍ଜରା ଭିତରେ
ଜାତି ଆର୍ତ୍ତନାଦ କରେ।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି. ଡ.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୬୩୭୨୦୮୪୭୧୫

# ସୁକର୍ମେ ସାର୍ଥକ ମାନବ ଜୀବନ

ପ୍ରଫେସର ପ୍ରତିମା ଷଡ଼ଙ୍ଗୀ



ସଂସାରର ଶ୍ରେଷ୍ଠ ଜୀବ ହିସାବରେ
ମନୁଷ୍ୟକୁ ସୃଷ୍ଟି କରି
ବୁଦ୍ଧି ବିବେକକୁ ଦେଲେ ପରମାତ୍ମା
ଧର୍ମ କର୍ମ ଦେଲେ ଭରି ।
ସଂସାରକୁ ଆସି ଆଖି ଖୋଲି ଯେବେ
ଦେଖୁଛି ଭବସାଗର
ମାୟା ବେଢିଯାଏ ଲୋଭମୋହ ସହ
ଟାଣେ ସଂସାର ବେଭାର ।
କର୍ମଫଳ ଭୋଗ ଜନ୍ମଜନ୍ମାନ୍ତର
ଏ ଜନ୍ମର ପ୍ରୟୋଜନ
ତାକୁ ଭୁଲି ଭବେ ଅପକର୍ମ କରି
ବ୍ୟର୍ଥ କରେ ଏ ଜୀବନ ।
ବେଳଥାଉ ବନ୍ଧ ବାନ୍ଧ ସାଧୁଜନେ
ନିଷ୍କାମ କରମ କର
ଜୀବେ ଦୟାବହି ଦୁଃଖି ଦରିଦ୍ରଙ୍କ
ସେବାରେ ସମୟ ସାର ।
କାହାର ମନରେ ଦୁଃଖ ଦେବାନାହିଁ
ସତ୍ୟ ଧର୍ମ ଆଚରଣ
ଉଚ୍ଚାରଣ ଭାବ ସମ୍ବେଦନାଶୀଳ
ଦାନ କ୍ଷମା ସଂଯମନ ।
ମାନବ ଜୀବନ ବହୁ ମୂଲ୍ୟବାନ
ସୁକର୍ମବଳେ ମିଳଇ
ଅଯଥାରେ ନଷ୍ଟ ସମୟ ନ କର
ସତ୍କର୍ମକୁ ଆପଣାଇ ।
ଈଶ୍ୱରାନୁରାଗ ଆତ୍ମ ଭାବ ସଦା
ସବୁଠାରେ ଦେଖୁଥିଲେ
ନିଜପରଭାବ କେବେ ନ ଆସିବ
ସତ୍କର୍ମକୁ କରୁଥିଲେ ।



ଭୁବନେଶ୍ୱର

# ତୁମେ ଓ ମୁଁ

ହରପ୍ରିୟା ପଣ୍ଡା





ତୁମେ ସୁରୁଜର ପହିଲି କିରଣ
ମୁଁ ଯେ କମଳିନୀ ଲାଜେଇ ଚାହେଁ
ତୁମପାଇଁ କେବେ ସୂର୍ଯ୍ୟମୁଖୀ ହୋଇ
ସକାଳରୁ ସଞ୍ଜ ତୁମକୁ ଚାହେଁ ।

ତୁମେ ନିଦାଘର ତପ୍ତ ଜ୍ୱାଳା ହେଲେ
ଚନ୍ଦନ ପ୍ରଲେପ ମୁଁ ହୋଇଯାଏ,
ତୁମେ ଅମାବାସ୍ୟା ଅନ୍ଧକାର ହେଲେ
ଦୀପ ଟିଏ ହୋଇ ମୁଁ ଜଳୁଥାଏ ।

ତୁମେ ବସନ୍ତର ମଳୟ ପବନ
ମୁଁ ଯେ ବିରହିଣୀ କୋଇଲି ଟିଏ
କୃଷ୍ଣ ସାଜି ତୁମେ ବଂଶୀ ବାଜାଇଲେ
ପାଗଳି ରାଧିକା ପରି ମୁଁ ଧାଏଁ ।

ତୁମେ ଥୁରୁ ଥୁରୁ ଶୀତ ରାତି ହେଲେ
ମୁଁ ଯେ ଉହ୍ମେଇଁ ର ନିଆଁ ହୁଏ
ତୁମେ କୁହୁଡ଼ିଆ ଆକାଶ ହୋଇଲେ
କାକର ବିନ୍ଦୁ ମୁଁ ଝରିଯାଏ ।

ତୁମେ ମୋ ମୟୂର ମୁଁ ତୁମ ବରଷା
ତୁମେ ନାଚିଲେ ମୁଁ ବରଷି ଯାଏ
ଜହ୍ନ ହୋଇ ତୁମେ ଆକାଶେ ଉଇଁଲେ
ନୀଳ କଇଁ ହୋଇ ତୁମକୁ ଚାହେଁ ।

ତୁମେ ଧ୍ୟାନ ମଗ୍ନ ବିଶ୍ୱାମିତ୍ର ହେଲେ
ମେନକା ସାଜି ମୁଁ ତପସ୍ୟା ଭାଙ୍ଗେ
ତୁମେ ବୃକ୍ଷ ହୋଇ ବାହୁ ପ୍ରସାରିଲେ
ଅପରାଜିତା ମୁଁ ଲୋଟଇ ଅଙ୍ଗେ ।

ତୁମ ଉପବନେ ପୁଷ୍ପ ବୃକ୍ଷ ହୋଇ
ଋତୁ ଅନୁସାରେ ମୁଁ ଫୁଟୁଥିବି
ମହକୁଥିବ ମୋ ମହକରେ ତୁମେ
ଯେତେ ବେଳଯାଏଁ ମୁଁ ଜୀଇଁଥିବି ।

କଟକ

# ନୂଆ ବରଷ

ରାଧାରାଣୀ ପଟ୍ଟନାୟକ



ଏ ନୂଆଁ ବରଷେ      ସବୁ ଆଶା ଆମ
ସୁଖରେ ସୁଖରେ ଯାଉ
ସଭିଙ୍କ ହୃଦୟେ      ଦୟା କ୍ଷମା ଜାଗୁ
ଅଜ୍ଞାନ ଆଉ ନଥାଉ ।

ନୂଆଁ ଦିବସର      ପ୍ରତ୍ୟେକ ମୁହୂର୍ତ୍ତ
ନୂଆଁ ନୂଆଁ ଦିଶୁଥାଉ
ଜୀବନ ଆମର      ସତ୍ କର୍ମେ ବାନ୍ଧିବା
ଏ କଥାଟି ମନେ ଥାଉ ।

ପ୍ରଭୂଙ୍କ ନାମରେ      ଶ୍ରୁତି ଗାଉଥିବା
ପବିତ୍ରତା ମନେ ଥାଉ
ସତ୍ କର୍ମ କରିବା      ସତ୍ ଚିନ୍ତାରେ
ସବୁ କିଛି ଦୁର ହେଉ ।

ଗତ ବର୍ଷ ସାରା      ଯାହା ଘଟି ଥିଲା
ସେ ସବୁ ଆଉ ନ ହେଉ
ସମସ୍ତେ ମିଶି      ପ୍ରାର୍ଥନା କରିବା
ଚିତ୍ତ ଆମ ଶାନ୍ତି ରେ ରହୁ ।

ଏ ନୂଆଁ ବରଷେ      ପ୍ରତି କ୍ଷଣ କ୍ଷଣେ
ଶାନ୍ତିର ବାର୍ତ୍ତା ଆଣୁ
ଧରିତ୍ରୀ ମାଁ ଆମ      ଶ୍ୟାମଳିତ ହୋଇ
ମନକୁ ଆମର ଜିଣୁ ।

ଆହେ ଜଗନ୍ନାଥ      ଦିଅ ଗୋ ଆଶୀଷ
ଜଗତ ଜନଙ୍କୁ ତୁମେ
ନୂଆଁ ଉତ୍ସାହରେ      ଆଲୋକିତ ହୋଇ
ଲାଗିବେ ଜନେ ସତ୍ କର୍ମେ ।




ଚନ୍ଦନ ନଗର, ବରଗଡ଼
ମୋ -୮୯୧୭୨୩୭୧୩୭

# ସାରାଂଶ

ଅସୀମା ରାୟ(ଖୁଣ୍ଟିଆ)



ଜୀବନ
ଅଙ୍କ କଷା ପୃଷ୍ଠା ,
କିଛି ମିଠା କିଛି ଖଟାର
ଭାଗଶେଷ ।
ଖୁସି ହେବା ପାଇଁ ମୁଁ
ନିଜ କୁ ନିଜେ
ସ୍ୱପ୍ନ ଦେଖେ
ଜାଣି ଜାଣି, ଟିକେ ଟିକେ
ଭୁଲ କରେ ।
ତୁମ ମିଠା ଗାଳି ଟା
ଭାରି ଭଲ ଲାଗେ ବୋଲି ,
ମୁଁ ଅସଜଡ଼ା ରଖେ ନିଜକୁ ।
କାଳେ ତୁମେ
ମୋ ଭୁଲ ପାଇଁ
ମୋତେ କିଛି କହିବ
ତୁମେ କିଛି କୁହ ନାହିଁ
ମୁଁ ସଜାଡି ନିଏ
ଭୁଲ ମୋର
ନିଜେ କୁ ନିଜେ,
ଏଇ ତ...!!



ଗୁଆମାଳ, ଭଦ୍ରକ

# ଅଣଦେଖା ସ୍ୱପ୍ନର ସ୍ୱରଲିପି

ନୀନା ବଳିୟାରସିଂ



ସ୍ୱପ୍ନସବୁ ଭାଙ୍ଗିଯିବାକୁ
ଭିଡ଼ି ମୋଡ଼ି ହେଲେ,
ଯେତେ ଆଦର ଯତ୍ନରେ
ଧୋ ବାୟା ଗୀତ ଗାଇ
ଶୁଆଇ ବାକୁ ଚେଷ୍ଟାକଲେବି
ସେମାନେ ବ୍ୟଗ୍ର ହେଲେ ଖସିଯିବାକୁ..
ହୁଏତ ଭଲଲାଗୁନଥିଲା ସେମାନଙ୍କୁ ଆଉ
ମୋ ଆଖିର ସୁରକ୍ଷିତ ବନ୍ଦୀଶାଳ ।

କଣ କରିପାରିବି କୁହ?
ମୁଁ ତ ଜୋର କରୁନଥିଲି
ସ୍ୱପ୍ନ ମାନେ ସତ ହୁଅନ୍ତୁ ବୋଲି
ଖାଲି ସ୍ୱପ୍ନ ମାନଙ୍କର ଶାନ୍ତସ୍ନିଗ୍ଧ
କୋମଳ ଛୁଆଁରେ
ଭୁଲିଯିବାକୁ ଚାହୁଁଥିଲି
ଜୀବନର କଠୋର ବାସ୍ତବତା ।



ସେତିକି ବି ହେଲାନାଇଁ, ଛାଡ଼ିଦେଲି ହାତ
କୁଆଡ଼େ ହଜିଗଲେ ଡିଆଁମାରି
ରଙ୍ଗଭରା,ବାସ୍ନାଭିଜା,
ଆଶାର ପ୍ରତ୍ୟୟଭରା ସ୍ୱପ୍ନ ମାନେ
ଏବେ ଜୀବନର ଆକାଶ ରଙ୍ଗ ହୀନ,
ସ୍ୱପ୍ନ ହୀନ ଧୂ ଧୂ ମରୁପରି
ନିର୍ଜୀବ,ଧୂସର,ଛାୟାହୀନ ।

ଏବେ ତେଣୁ ଚାଲିବାକୁ ହବ
ବାସ୍ତବତାର  ରୁକ୍ଷ ହାତଧରି,
ପାଦ ଚାପିଚାପି ,ନ ଝୁଣ୍ଟି
ଈର୍ଷା, ଅସୂୟା,ବିଶ୍ୱାସଘାତକତାର
ପଥରମାନଙ୍କୁ ଯତ୍ନରେ ଆଡ଼େଇ...।

ମହାନଦୀବିହାର, କଟକ

# ସନ୍ଧ୍ୟା ଆସିଲାଣି ନଇଁ

ଅନୀତା ମିଶ୍ର





ଅତି ସନ୍ତର୍ପଣେ କଳା ଶାଢୀ ପିନ୍ଧି
ସନ୍ଧ୍ୟା ଆସିଲାଣି ନଇଁ
ଅମୂଲ୍ୟ ଆରତୀ ସଞ୍ଚର ସମ୍ପତ୍ତି
ମନ ପ୍ରାଣ  ଯାଏ ଛୁଇଁ।

ତୃପ୍ତ ମଧୁରିମା  ସନ୍ଧ୍ୟାର ବର୍ଣ୍ଣାଳି
ଭବ୍ୟ ତାର ଆଗମନ
ସ୍ନିଗ୍ଧ ସୁମଧୁର ଅପୂର୍ବ ଅସୀମ
ମଧୁମୟ ଆକର୍ଷଣ।

ସନ୍ଧ୍ୟାର ସୌନ୍ଦର୍ଯ୍ୟ ତା ରୂପ ମାଧୁର୍ଯ୍ୟ
ଅବ୍ୟକ୍ତ ତା' ଅନୁଭବ
ଦିବ୍ୟ ଭକ୍ତି ଛବି  ହୃଦେ ମୁଗ୍ଧ ରବି
ସମୁଜ୍ଜଳ ବଇଭବ।

ଅନନ୍ୟ ମୂହୁର୍ତ୍ତ ସୁଖପ୍ରଦ ସୋତ୍ର
ସନ୍ଧ୍ୟାର ପୂଜା ନୈବେଦ୍ୟ
ଅଦୃଶ୍ୟ ମୂର୍ଚ୍ଛନା କରେ ଆନମନା
ଅନୁପମ ଅନବଦ୍ୟ।

ସନ୍ନିକଟ କେଉଁ  ମନ୍ଦିର ବେଢ଼ାରୁ
ଭାସି ଆସେ ଘଣ୍ଟ ଧ୍ୱନି
ପଲ୍ଲବିତ ହୁଏ ଶାଶ୍ୱତ ଚେତନା
ଭାବର ପସରା ଘେନି।

ନୀଳ ଅମ୍ବରରେ ତାରା ଫୁଲ ଫୁଟେ
ମନ୍ତ୍ରମୁଗ୍ଧ ସମ୍ମୋହନ
ଅତିନ୍ଦ୍ରୀୟ ଦୀପ୍ତି ସୌମ୍ୟ ରୂପକାନ୍ତି
ଆନ୍ଦୋଳିତ ମନପ୍ରାଣ।

ଧ୍ୟାନ ଓ ଧାରଣା ଦିବ୍ୟ ଆରଧନା
ଅନ୍ତମନ ଆକର୍ଷିତ
ପବିତ୍ରତା ମନ ଅନନ୍ୟ ଆହ୍ବାନ
ଦିବ୍ୟଜ୍ୟୋତି ବିଚ୍ଛୁରିତ।

ଅସହ୍ୟ ବେଦନା ହୁଏ ପ୍ରଶମିତ
ବୁଣେ ଅୟୁତ ସପନ
ହୃଦୟ ଆବେଗ ଅମିୟ ପ୍ରବେଗ
ଗୁଞ୍ଜରିତ ପ୍ରତିକ୍ଷଣ ।

ସନ୍ଧ୍ୟା ହେଉ ନିତି ମାଆର ପଣତ
ଆଶୀଷର ଅରୁଣିମା
ଶାନ୍ତିପ୍ରଦ ହେଉ ଜୀବନର ପଥ
ସୁଖପ୍ରଦ ସବୁଜିମା ।

ଭୁବନେଶ୍ୱର

# ସ୍ୱାଗତ ହେ ନୂଆବର୍ଷ

ଶୁଭଶ୍ରୀ ସିଂ



ଅତୀତ ତ ଦିନେ ଇତି ହୋଇଯିବ
ଭବିଷ୍ୟତ ଆଶାନେଇ
ପୁରୁଣା ହୋଇବ ନୂଆବର୍ଷ ପରା
ନୂଆ ଆସେ ସଜହୋଇ
ଦିନ ଚାଲିଯିବ ଆଲୋକ ଆସିବ
ସୂର୍ଯ୍ୟ ହୋଇଯିବେ ଅସ୍ତ
ରାତ୍ରି ଆସିବ ଘନ ଅନ୍ଧକାରେ
ଚନ୍ଦ୍ର ହେବେ ପ୍ରଜ୍ଜ୍ୱଳିତ
ଋତୁ ପରେ ଋତୁ ଆସି ଚାଲିଯିବ
ରହିଯିବ ଦିନ ମାସ
ପୁରୁଣାଟା ଯେବେ ଲୀନ ହୋଇଯିବ
ନୂଆର ଆତ୍ମପ୍ରକାଶ
ସୃଷ୍ଟିକର୍ତ୍ତାଙ୍କର ବିଚିତ୍ର ଏ ସୃଷ୍ଟି
ସବୁଶେଷେ ବଦଳିବ
ପାଣି ବଦଳି ବରଫ ବନିବ
ବରଫ ପାଣି ହୋଇବ
ପାପର ଭାର ଲୁପ୍ତ ହୋଇଯିବ
ପୁଣ୍ୟ ମଥାରେ ଟୀକା
ସୁଖଟା ଆସିବ ଘୋଡା ସବାରୀରେ
ଦୁଃଖ ହୋଇଯିବ ଏକା
ମିଛର ନିଶୁଣି ଯେତେ ଲମ୍ବା ହେଲେ
ସତ୍ୟର ହୋଇବ ଜୟ
ଅଶାନ୍ତିର ଢେଉ ହେଲେବି ପ୍ରଖର
ଶାନ୍ତିରେ ଅଛି ଅୟ
ପୁରୁଣା ବର୍ଷ ଟା ବଦଳି ଯିବ
ଆସିବ ନୂଆ ବରଷ
ବିଦାୟ ବେଳାରେ ପ୍ରଣାମ ଜଣାଏ
ସ୍ୱାଗତ ହେ ନବ ବର୍ଷ ।



ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

# ନୂଆବର୍ଷ

ପୁଷ୍ପାଞ୍ଜଳି ପଣ୍ଡା



ଦି ହଜାର ପଚିଶିର ଯିବା ବେଳ ହେଲା
ଛବିଶି ଯେ ଆସୁଅଛି ଧାଇଁ ।
ଯାହା ହେଇନାହିଁ ସେ ବର୍ଷ ରେ
ଆସେ ସେହି ଆଶା ପୂର୍ଣ୍ଣ ପାଇଁ।।

ସଖା ସହୋଦର ସ୍ନେହ ଆଦର ରେ
ତାକୁ ସଭିଏଁ କର ସ୍ୱାଗତ ।
ରାଗ ରୋଷ ଭୁଲି ହୃଦୟ କୁ ଖୋଲି
କରିଚାଲ କୋଳାଗ୍ରତ ।।




ସରଗ ଚାନ୍ଦ ମୁଁ ଦେବିନାହିଁ ଜମା
ସୁନା ରୁପା ଦେବି ନାହିଁ ।
ପ୍ରେମ ପିରତୀର ଅଭିନନ୍ଦନ ମୋ
ଗ୍ରହଣ କରିବା ପାଇଁ ।।

କେତେସୁଖ କେତେଦୁଃଖ ବି ଦେଖୁଛ
ଅଙ୍ଗେ ନିଭା କଥା ଏହା ।
ସମୟ ସାଥିରେ ତାଳ ନ ମିଳିଲେ
ଟଳମଳ ହୁଏ ନାଆ ।।

ଭଲ ମନ୍ଦ ସବୁ ସମଭାବ ମଣି
ଜୀବନ ଆଗେଇ ନେବା ।
ବିପଦେ ଆପଦେ ବିଭୁ ଲୟ ଥିବ
ସୁଖି ମଣିଷ ହୋଇବା ।।

ନୂଆ ବରଷରେ ନୂଆ ଚିନ୍ତା ଧାରା
ଦେଶ,ଜାତି ଲାଗି ଆସୁ ।
ଜଗତର ନାଥ ଶ୍ରୀଜଗନ୍ନାଥଙ୍କ
ଆଶିଷ ସଦା ବରଷୁ ।

କେନ୍ଦ୍ରାପଡ଼ା
ମୋ- ୯୮୬୧୫୬୫୬୩

# ଭୁଲି ନାହିଁ ସେ କଥା

ମନୋରମା ପଣ୍ଡା



କୁଆଁରୀ ଦିନର କେତେ ଯେ ସପନ
କେତେ ଯେ ଅକୁହା କଥା
ସ୍ମୃତି  ଆଇନା ରେ ସାଇତା ରଖିଛି
ଭୁଲି ନାହିଁ ସେଇ କଥା ।

ରଜଦୋଳିଗୀତ ଗାଉଥିଲୁ ମିଶି
ବଉଳ ,ମକର ସାଥେ
ଦୋଳି ଝୁଲୁ ଥିଲା ପବନ ବେଗରେ
ସପନର ପଥେ ପଥେ ।

କୁଆଁର ପୁନେଇଁ ଚାନ୍ଦ ପୁଜା କରି
ଲୁଚି ଲୁଚି ଦେଖୁଥିଲି
ଚାନ୍ଦକୁ ଅନାଇ ମାଗି ଥିଲି ବର
ପୂର୍ଣ୍ଣଚନ୍ଦ୍ର  ପରି ପାଇବି ବୋଲି ।



ସେଦିନର ସେଇ କଥା,
ଭୁଲିନାହିଁ ଆଜି
ମନେ ପଡୁଅଛି
ଅକୁହା ପୀରତି ଗାଥା ।

କୁଆଁରୀ ମନର ସପନରେ ଦିନେ
ଅଜଣା ରାଜକୁମାର
ଘୋଡ଼ା ଚଢି ସାଥେ ନେଇ ଯାଇଥିଲା
ସପନ ଲବଙ୍ଗପୁର ।

ଭୁଲିନାହିଁ ସେଇକଥା ,
ସ୍ମୃତି ସିନ୍ଦୁକରେ ଏବେ ବି ସାଇତା
ଲାଜେ ନଇଁପଡେ ମଥା
ଭୁଲି ନାହିଁ ସେଇ କଥା ।

ଭୁବନେଶ୍ୱର
ମୋ: ୮୬୫୮୯୭୧୮୧୭

# ଦୁଃଖ ସାଥେ ଯେବେ ବନ୍ଧୁ ବାନ୍ଧିଲି

ମାହେଶ୍ୱରୀ ଦାଶ





ଯାତନା ଅନଳେ ବେଦନା ବହଳେ
ଅସହାୟତାର ସ୍ୱାଦ ଚାଖିଲି
ବ୍ୟଥା ବିଡମ୍ବନା ହେଲା ସହଚର
ଦୁଃଖ ସାଥେ ଯେବେ ବନ୍ଧୁ ବାନ୍ଧିଲି।

ସଂପର୍କର ସୂତା ହେଲା ମୋ ଅଡୁଆ
ଆପଣାପଣକୁ ଖୋଜିଲି ଯେବେ
ଦୁର୍ଦ୍ଦଶା ଆଣିଲା ଦୁର୍ଦ୍ଦିନୋପହାର
ସ୍ୱପ୍ନରେ ଯା ଭାବି ନଥିଲି କେବେ।

ଅମାପ ସମସ୍ୟା ନେଲା ମୋ ପରୀକ୍ଷା
ଆଶ୍ୱାସନା ସବୁ ଗଲା ଉଭେଇ
ଅବ୍ୟକ୍ତ ଖେଦର ଅସରନ୍ତି ଗଳ୍ପ
ବସିଲା ଖରାରେ ଡେଣା ମେଲେଇ ।

ନୀରବ ବିଳାପ ଭାଷିଲା ସଂଳାପ
ଅନ୍ତରେ ଭରିଲା ଅସୀମ କୋହ
ଘନ କୁହୁଡିର ଆବାସ ଗବାକ୍ଷେ
ଉଙ୍କି ମାରୁଥିଲା ଅଦିନ ମୋହ।

ଆକାଶେ ଲୁହକୁ  ପିଇବା ପାଇଁକି
ଶକ୍ତି କରୁଥିଲା ନିତି ପ୍ରୟାସ
ଅବସୋସ ଯଜ୍ଞ ଆହୁତି ସ୍ତବକେ
ମନ ଖୋଜୁଥିଲା ପୂର୍ବ ବିଶ୍ୱାସ।

ପ୍ରୀତି ରୁଦ୍ଧଦ୍ୱାର ଘୋଡେଇ ଚାଦର
ଗରଳେ କରିଲା ହୃଦ ସତ୍କାର
ଏକାନ୍ତ ମୁହୂର୍ତ୍ତେ ଯନ୍ତ୍ରଣା ଆବର୍ତ୍ତେ
ଶୁଭୁଥିଲା ସଦା ଆର୍ତ୍ତଚିତ୍କାର।

ବିଫଳତା ହେଲା ବିଧିର ବିଧାନ
ଅବିଶ୍ୱାସ ସାଥେ ଖେଳିଲି ପଶା
ଦୁର୍ବିସହ ହେଲା ଜୀବନ ଯୌବନ
ବିନା ଆମନ୍ତ୍ରଣେ ଘେରିଲା ଦଶା।।

ନିମାପଡ଼ା,ପୁରୀ

# ତୃଷିତ ତକିଆ

ଯଶୋବନ୍ତୀ ସା



ରାତି ଆସି ଶାନ୍ତ ହେଲେ,
କେବଳ ଏକ ଶ୍ୱାସ ଶୁଣାଯାଏ
ସେ ଶ୍ୱାସର ଭିତରେ ଲୁଚିଥାଏ
ଅସଂଖ୍ୟ ଅକଥିତ ବିୟୋଗର ଧ୍ୱନି।
ତକିଆ ପୁଣି ଆଜି ଅପେକ୍ଷାରେ ଅଛି
ଯେବେ ମଣିଷର ହୃଦୟ ଭାଙ୍ଗିବ
ତା ଲୁହ ଝରି ଆସିବ
ସେଇ ଲୁହେ ତା' ତୃଷା ଶାନ୍ତ କରିବ।
ଦିନେ ହସୁଥିବା ମୁହଁ
ରାତିରେ ନିସହାୟ ହୋଇ କାନ୍ଦେ
ସେ ତା'ର ନିକଟତର  ସାକ୍ଷୀ
ଲୁହର ଉଷ୍ମ ନେଇ ଶାନ୍ତି ଖୋଜେ।
ମଣିଷ ଭିତରେ ଯେ ଦୁଃଖ
ସେ କାହାକୁ କହି ପାରେନା
ହେଲେ ସେ ସବୁ ଜାଣେ
ସେ ଲୁହ ଗଣେ,
ଯେପରି ତାରା ଗଣେ ଆକାଶ।
କେବେ କେବେ ସେ ଭାବେ -
"ମୋ ସୁଖ ହେଉଛି ଅନ୍ୟର ଦୁଃଖ,
ତଥାପି ଲୁହରେ ଭିଜିବାରେ
ମୋତେ ମିଳେ ଏକ ଅଜଣା ମୋକ୍ଷ।
ମୁଁ ତୃଷିତ ତକିଆ,
ଆଜି ମଧ୍ୟ ଅପେକ୍ଷା କରୁଛି
କାହାରି ନିରବ ରାତି,
କାହାରି ଲୁହ ପିଇ
ମୋ ତୃଷା ଶାନ୍ତ ହେବ ।"



ଲରମ୍ବା ମହାବିଦ୍ୟାଳୟ, ଲରମ୍ବା

# ସମୟକୁ ଅପେକ୍ଷା

ପ୍ରିୟଦର୍ଶିନୀ ନାୟକ



ଆମେ ବହୁତ କିଛି ଚାହିଁଥାଉ
ଅନେକ କିଛି ଭାବିଥାଉ
କିନ୍ତୁ ବେଳେବେଳେ,
ସବୁକିଛି କିନ୍ତୁ କେବଳରେ
ଅଟକି ଯାଏ, ଆଉ କହିଯାଏ,
କେବଳ ସମୟକୁ ଅପେକ୍ଷା ।

ଜୀବନ ଆଲୁଅ ଅନ୍ଧାର ପରି
ଅନେକ ବାର ଲୁଚକାଳି ଖେଳେ
ଆଉ ମଣିଷ...
ଅନ୍ଧକାର ଭିତରେ ଏମିତି ହଜିଯାଏ
ଆଉ ବାଟ ଖୋଜି ପାଇବା,
ବଡ଼ କଷ୍ଟକର ହୋଇପଡେ
କେବଳ କରେ ସମୟକୁ ଅପେକ୍ଷା ।



ଆମେ ସବୁକିଛି ଠିକ୍ କରୁଥିବା ବେଳେ
ଆମ ସହ ସବୁକିଛି ଭୁଲ୍ ହେଇଯାଏ
କେମିତି କେଜାଣି, କିଛି ବୁଝି ହୁଏ ନାହିଁ,
ସବୁକିଛି ଅଜଣା ହେଇଯାଏ,
କିଛି କରି ମଧ୍ୟ ହୁଏନାହିଁ
କେବଳ ସମୟକୁ ଅପେକ୍ଷା ।

ଭଗବାନ ବି ନୀରବିଗଲା ଭଳି
ପ୍ରତୀତ ହୁଏ, ସବୁ ଯେମିତି ଶୂନ୍ୟ ଶୂନ୍ୟ
ମହାଶୂନ୍ୟରେ ମିଳେଇ ଗଲା ପରି
ଅନୁଭୂତ ହୁଏ,
କିନ୍ତୁ କିଛି ବି କରିହୁଏ ନାହିଁ
କେବଳ ସମୟକୁ ଅପେକ୍ଷା ।

ଅଧ୍ୟାପିକା,ଓଡ଼ିଆ ବିଭାଗ,
ସିମୁଳିଆ ମହାବିଦ୍ୟାଳୟ,
ତଳାଙ୍ଗ, ଭଦ୍ରକ

# ପାହିନି ଅନ୍ଧାର ରଜନୀ

ପ୍ରତିମା ପାତ୍ର





ପାହିଲାଣି ରାତି ଉଠ ପୁତ୍ର ନାତି
କହିଲେ ଜାତିର ପିତା
ପରତନ୍ତ୍ର ଦୁଃଖ ମନରେ ନରଖ
ହେବରେ ଜଗତ ଜିତା ।

ଜାତି ଗଉରବ ଏକତା ଉଭବ
କରିବା ଆମ ମନରେ
ବିବିଧତା ରଙ୍ଗ ଥାଇ ହୋଇ ସଙ୍ଗ
ଉନ୍ନତ ଦେଶ ଗଢାରେ ।

ନୂତନ ଭାରତ ବିସ୍ତାରି ମହତ
ବିଶ୍ୱ ଗୁରୁ ହେବ ଦିନେ
ସ୍ୱଦେଶ ଦରବ ଗୃହରେ ଦିଶିବ
ଦୁଃଖ ନଥିବ ଜୀବନେ ।

ତାଙ୍କରି ବାରତା ହୋଇ ଜ୍ୟୋତି ଶିଖା
ପ୍ରଜ୍ଜ୍ୱଳିତ ହେଲା ଦେଶ
ତାହାକୁ ଲିଭାଇ ଅନ୍ଧାର ଘୋଟାଇ
ହେଉଛନ୍ତି ଶତ୍ରୁ ଦାସ ।

ପାହିନି ରଜନୀ କାନ୍ଦେ ମାତୃ ଭୂମି
ଦେଖି ସନ୍ତାନ କରମ
ନାରୀ ନିର୍ଯାତନା ନିର୍ବସ୍ତ୍ର ଲଳନା
ଦୂଷିତ ଆଜି ଧରମ।

ଦୁର୍ନୀତି କୁରୀତି ବଢେ ତାର ଗତି
ନାହିଁ ମାତା ପିତା ପ୍ରୀତି
ସଂସ୍କାର ସଂସ୍କୃତି ଇତିହାସ ସ୍ଥିତି
ଦେଖି ଲାଗେ ଭୟ ଭୀତି ।

ଭାରତ ଆମର ସ୍ୱର୍ଗ ଠୁ ସୁନ୍ଦର
ସର୍ବ ଗୁଣେ ପରି ପୂର୍ଣ୍ଣ
ଯତନ କରିଲେ ଅମୃତ ଝରିବ
ସତ୍ୟ ମୋହର କଥନ ।

ବରଗଡ଼

# ମୋ ଜଗାକୁ ଗୁହାରୀ

ନିହାରିକା ପାତ୍ର



ମୋତେ
ନେ ରେ କାଳିଆ ନେ
ତୋର ଶ୍ରୀ ବଡ଼ଦାଣ୍ଡକୁ
ଦେଖିବି ନୟନେ,
ରତ୍ନସିଂହାସନେ
ତୋ ଚକା ଆଖିକୁ
ନେ ମୋତେ ଟିକେ ନେ...।
ଏ ଦୁଃଖିର ଦୁଃଖ,
କେବେ ତୁ ବୁଝିବୁ
ଦୁଃଖ ଦେଇ ମୋତେ,
କେତେ ତୁ ହସିବୁ
ଜାଣିତ ପାରୁନି,
କେବେ ତୁ ଡାକିବୁ
ଗୁହାରୀ ମୋହର,
କେବେ  ତୁ ଶୁଣିବୁ
ନେ ମୋତେ ଟିକେ ନେ...।
ମୋ ପାଇଁ ତୋହର,
ନାହିଁରେ ସମୟ
କାହିଁକି କନ୍ଦାଇ,
ହେଉଛୁ ପଥର
ଏ ପାପି  ହୃଦୟ,
ହେଉଛି ଆତୁର
ଦରଶନ ଦିଅ,
କରୁଣା ସାଗର
ନେ ମୋତେ ଡାକି ନେ...।



ଟିଟିଲାଗଡ଼

# ନୂଆ ବରଷ

ଶ୍ରୀମତୀ ବ୍ରଜେଶ୍ୱରୀ ସିଂହ



ରାତି ଆସି ଶାନ୍ତ ହେଲେ,
କେବଳ ଏକ ଶ୍ୱାସ ଶୁଣାଯାଏ
ସେ ଶ୍ୱାସର ଭିତରେ ଲୁଚିଥାଏ
ଅସଂଖ୍ୟ ଅକଥିତ ବିୟୋଗର ଧ୍ୱନି।
ତକିଆ ପୁଣି ଆଜି ଅପେକ୍ଷାରେ ଅଛି
ଯେବେ ମଣିଷର ହୃଦୟ ଭାଙ୍ଗିବ
ତା ଲୁହ ଝରି ଆସିବ
ସେଇ ଲୁହେ ତା' ତୃଷା ଶାନ୍ତ କରିବ।
ଦିନେ ହସୁଥିବା ମୁହଁ
ରାତିରେ ନିସହାୟ ହୋଇ କାନ୍ଦେ
ସେ ତା'ର ନିକଟତର  ସାକ୍ଷୀ
ଲୁହର ଉଷ୍ମ ନେଇ ଶାନ୍ତି ଖୋଜେ।
ମଣିଷ ଭିତରେ ଯେ ଦୁଃଖ
ସେ କାହାକୁ କହି ପାରେନା
ହେଲେ ସେ ସବୁ ଜାଣେ
ସେ ଲୁହ ଗଣେ,
ଯେପରି ତାରା ଗଣେ ଆକାଶ।
କେବେ କେବେ ସେ ଭାବେ -
"ମୋ ସୁଖ ହେଉଛି ଅନ୍ୟର ଦୁଃଖ,
ତଥାପି ଲୁହରେ ଭିଜିବାରେ
ମୋତେ ମିଳେ ଏକ ଅଜଣା ମୋକ୍ଷ।
ମୁଁ ତୃଷିତ ତକିଆ,
ଆଜି ମଧ୍ୟ ଅପେକ୍ଷା କରୁଛି
କାହାରି ନିରବ ରାତି,
କାହାରି ଲୁହ ପିଇ
ମୋ ତୃଷା ଶାନ୍ତ ହେବ ।"



ସମ୍ପାଦିକା 'ବଉଳଫୁଲ'
ଯାଜପୁର ରୋଡ଼, ଯାଜପୁର

# ସ୍ୱାଗତ ନବବର୍ଷ

ଦମୟନ୍ତୀ ଷଡ଼ଙ୍ଗୀ



ଦିନ ସରି ଯାଏ ରାତି ପାହି ଯାଏ
ସରି ସରି ଯାଏ ଆୟୁଷ
ସାଲ ପଚିଶ ବିଦାୟ ବେଳରେ
ସ୍ୱାଗତ ଆଜି ଛବିଶ।
ରହି ଗଲା କିଛି ସ୍ମୃତି ଅନୁଭୂତି
ରହି ଗଲା କେତେ କଥା
କିଛି ଚାଲି ଗଲେ କିଛି ହଜି ଗଲେ
ଦେଇଣ ହୃଦୟେ ବ୍ୟଥା।
କେହି ହଜି ଗଲେ କେହି ମିଳିଗଲେ
ଜୀବନର ଚଲା ପଥେ
କିଏ ହସି ଦେଲା କିଏ ରଷି ଗଲା
ଅଭୁଲା ସ୍ମୃତିଟି ସତେ।
ସଂସାର ରଥର ଚକ ତ ଗଡୁଛି
ତା ସାଥେ ଗଡେ ଜୀବନ
କିଛି ସମ୍ଭାବନା କିଛି ଆଶା ନେଇ
ସ୍ୱାଗତ ଛବିଶ ସନ।
ଜୀବନ ମୃତ୍ୟୁର ଦୋଛକି ଭିତରେ
ଲାଗିଛି ସତେ କି ମାୟା
ଦିଅ ହେ ଆଶିଷ ହେ ନୂଆ ବରଷ
ପ୍ରଭୁ ଜଗନ୍ନାଥ ସାହା।
ସବୁ ଆଖି ଦେଖୁ ସୁନେଲି ସପନ
ସବୁ ଓଠେ ଫୁଟୁ ହସ
ରାଗ, ଅଭିମାନ, ହିଂସା,ଦ୍ୱେଷ ଯେତେ
ହୋଇ ଯାଉ ସବୁ ଶେଷ।
ଏ ନୂଆ ବରଷେ ଏତିକି ମୋ ଇଚ୍ଛା
ସୁନ୍ଦର ହେଉ ଏ ଧରା
ଅଜାଡ଼ିବା ଆମେ ସଭିଏଁ ଆସ ହେ
ପ୍ରେମ ମନ୍ଦାକିନୀ ଧାରା।




ଅନୁଗୋଳ

# ବାର୍ତ୍ତା ନୂଆ ବରଷର

ମମତାବାଳା ହୋତା



ଦୂରନ୍ତ ଦିଗବଳୟରେ
ଖୋଜିବୁଲେ ସ୍ୱପ୍ନିଳ ଦୃଷ୍ଟି
ଏକ ସୁନେଲି ସକାଳର
ଯେଉଁଠାରେ ଭରିଥିବ ରଙ୍ଗ
ଶାନ୍ତି, ସ୍ୱସ୍ତି, ପ୍ରୀତି ଓ ମୈତ୍ରୀର
ଖେଳୁଥିବ ମଳୟ ସେ ମାନବିକତାର ।
ଶୀତୁଆ ସନ୍ଧ୍ୟାରେ ଶୁଭୁଥିବ
ଆଗାମୀ ଜୀବନର ଜୀବନ୍ତ ସଙ୍ଗୀତ
କଣ୍ଠେ ତୋଳି ଛନ୍ଦ ଜୀବନାଗ୍ନିଙ୍କର
ଭୁଲି ସବୁ ଅନାବନା ଚିନ୍ତା
ଭାଙ୍ଗି ସବୁ ବିଷାଦର କଣ୍ଟକିତ ଅର୍ଗଳ
ମହକୁଥିବ ସୌରଭ ଭବିଷ୍ୟତ ସୁମନର।
କହୁଥିବେ କଳିମାନେ ମନଖୋଲି କଥା
ଚାଲୁଥିବେ ରାଜପଥେ ଉଚ୍ଚେ ଟେକି ମଥା
ଦୂରେ ଥିବ ବ୍ୟଥା ଯେତେ ଭଙ୍ଗା ହୃଦୟର।
ମନେ ଗଢି ନୂଆ ଆଶା ମନାସିବେ ଶୁଭ ଇଚ୍ଛା
ବାର୍ତ୍ତା ଏଇ ଅଟେ ଏହି ନୂଆ ବରଷର।



ସମଲ ବ୍ୟାରେଜ, ଅନୁଗୋଳ

# ଅନୁସ୍ୱାର

The Anuswaar
Monthly e-Magazine
Vol - 1/Issue-IV & V
December-2025 &
January -2026

ମାସିକ ଇ-ପତ୍ରିକା

ଡିସେମ୍ବର -୨୦୨୫ ଓ ଜାନୁୟାରୀ-୨୦୨୬



ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar
Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com